୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.315 Bhubaneswar Thursday January 30 2025 | ୨୬ତମ ବର୍ଷ ସଂଖ୍ୟା-୩୧୫ ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୩୦, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS


# ମୋଦି ଗ୍ୟାରେଣ୍ଟିର ଇଫେକ୍ଟ: ମିଳିଲା ୧୬.୭୩ଲକ୍ଷ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି, କିଏ ସେ ଟପ୍-୧୫ ନିବେଶକ

ଭୁବନେଶ୍ୱର,୨୯।୧(ପି.ଏନ): ଓଡିଶାର 'ନିବେଶକ ସମ୍ମିଳନୀ'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗ୍ୟାରେଣ୍ଟି କାମ ଦେଇଛି । ମୋହନ ମାଝୀ ସରକାରଙ୍କ ଦ୍ୱାରା ଧାର୍ଯ୍ୟଲକ୍ଷ୍ୟଠୁ ୩ଗୁଣ ଅଧିକ ଟଙ୍କାର ପୁଞ୍ଜିନିବେଶର ପ୍ରତିଶ୍ରୁତି ମିଳିଛି । ମେକ୍ ଇନ୍ ଓଡିଶାର ଚତୁର୍ଥ ସଂସ୍କରଣ 'ଉତ୍କର୍ଷ ଓଡିଶା' କନକ୍ଲେଭ ମାଧ୍ୟମରେ ରାଜ୍ୟରେ ରେକର୍ଡ ପରିମାଣର ପୁଞ୍ଜିନିବେଶ ହେବ । ମୋଟ୍ ୧୨.୮୯ଲକ୍ଷ କୋଟି ଟଙ୍କାର ୧୪୫ଟି ଏମଓୟୁ ସ୍ୱାକ୍ଷରିତ ହୋଇଥିବାବେଳେ ୩.୮୪ଲକ୍ଷ କୋଟି ଟଙ୍କାର ୪୪୮ଟି ପ୍ରକଳ୍ପ ପାଇଁ ନିବେଶକମାନେ ନିର୍ଦ୍ଧାରିତ ଫର୍ମରେ ନିଜର ଇଚ୍ଛା ବ୍ୟକ୍ତ କରିଛନ୍ତି । ଏହି ନିବେଶ ଦ୍ୱାରା ରାଜ୍ୟରେ ମୋଟ ୧୨.୮୮ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହେବ । ଓଡିଶାରେ ନିବେଶ ପାଇଁ ପ୍ରତିଶ୍ରୁତି ଦେଇଥିବା ଟପ୍ ୧୫




କମ୍ପାନୀଙ୍କ ଦ୍ୱାରା କେବଳ ୮ଲକ୍ଷ ୪୩ହଜାର ୯୯୪କୋଟି ଟଙ୍କା ନିବେଶ ହେବ ବୋଲି ଜଣାପଡିଛି ।ଦୁଇଦିନିଆ ଉତ୍କର୍ଷ ଓଡିଶା-ମେକ୍ ଇନ୍ ଓଡିଶା କନକ୍ଲେଭ ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡିଶାରେ ପୁଞ୍ଜିନିବେଶ ପାଇଁ ତାଙ୍କର ଗ୍ୟାରେଣ୍ଟି-ମୋଦି ଗ୍ୟାରେଣ୍ଟି ଦେଇଛନ୍ତି । ୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ କରିବା ଓ ୨୦୪୭ ସୁଦ୍ଧା ବିକଶିତ ଭାରତରେ ଓଡିଶାକୁ ଗ୍ରୋଥ୍ ଇଞ୍ଜିନ କରିବା ପାଇଁ ପ୍ରଧାନମନ୍ତ୍ରୀ ସହଯୋଗ ଯୋଗାଇ ଆସୁଛନ୍ତି । ଦେଶର ଶ୍ରେଷ୍ଠ ୫ଟି ଅର୍ଥନୀତି ମଧ୍ୟରେ ସ୍ଥାନ ପାଇବା ପାଇଁ ଯେଉଁ ସଂକଳ୍ପ ରହିଛି ଓଡିଶା ତା'ର ନିକଟତର ହୋଇପାରିଛି ବୋଲି ଶ୍ରୀ ମାଝୀ କହିଛନ୍ତି ।

## ଆଶ୍ଚର୍ଯ୍ୟ ! ନିର୍ମାଣଧିନ ରାସ୍ତାତଳୁ ବାହାରୁଛି ପାହାଡ଼ି ରତ୍ନ ପଥର, ବୋହି ନେଉଛନ୍ତି ଲୋକେ

ବୌଦ୍ଧ,୨୯।୧(ପି.ଏନ): ନିର୍ମାଣଧୀନ ରାସ୍ତା ତଳୁ ଖୋଳିଲେ ବାହାରୁଛି ମୂଲ୍ୟବାନ ରତ୍ନପଥର। ଏହାକୁ ପାଇବା ପାଇଁ ଆଖପାଖ ଅଞ୍ଚଳରୁ ଲୋକଙ୍କ ଭିଡ ଜମୁଛି । କେଜି ପିଛା ୨୫ଶହରୁ ୩ହଜାର ଟଙ୍କା ଦେଇ କିଣି ନେଉଛନ୍ତି ମାଫିଆ । ଏଭଳି ଏକ ବିରଳ ଘଟଣା ଦେଖିବାକୁ ମିଳିଛି ବୌଦ୍ଧ ଜିଲ୍ଲା ବାଘିଆପଡା ଫାଣ୍ଡି ଅନ୍ତର୍ଗତ ଖୁଣ୍ଟିଆପଡା ଗ୍ରାମ ନିକଟରେ ।ରତ୍ନପଥର ରାଜ୍?: ଏହି ରତ୍ନ ପଥର ମିଶ୍ରିତ ମାଟି କେଉଁଠାରୁ ଉତ୍ତୋଳନ କରି ଆଣି ଏହି ନିର୍ମାଣଧିନ ରାସ୍ତାରେ ପକାଯାଇଛି ସେ ସମ୍ପର୍କରେ କେହି ମୁହଁ ଖୋଲୁନାହାଁନ୍ତିବାସ୍ତବରେ ଏସବୁ କେଉଁ ଶ୍ରେଣୀର ରତ୍ନପଥର ଓ ସଠିକ ମୂଲ୍ୟ କେତେ ତାହାର ଯାଞ୍ଚ ପାଇଁ ଏଯାଏଁ କୌଣସି ପ୍ରଶାସନିକ ଅଧିକାରୀ ଘଟଣା ସ୍ଥଳରେ ପହଁଚି ନଥିବା ଜଣାଯାଇଛି ।ମାମଲା କ'ଣ: ସୂଚନା ମୁତବକ ଖୁଣ୍ଟିଆପଡା ଗାଁରେ ରାସ୍ତା ନିର୍ମାଣ କାମ ଚାଲିଛି । ଠିକାଦାର ହାଇୱା ଦ୍ୱାରା ମାଟି ଆଣି ରାସ୍ତାରେ ପକାଇଥିଲେ ।ଆଉ ଗାଁ ଲୋକ ସେଇ ମାଟିରେ ପ୍ରଥମେ ରତ୍ନପଥର ଦେଖିବାକୁ ପାଇଥିଲେ । ଆଉ ତାପରେ ଆରମ୍ଭ ହୋଇ ଯାଇଥିଲା ରତ୍ନପଥର ଖୋଳି ସଂଗ୍ରହ କରିବାକୁ ଏକ ପ୍ରକାର ପ୍ରତିଯୋଗିତା ।ଆଉ ଏହାର ଫାଇଦା ଉଠାଇ କିଛି ପଥର କଳା ବ୍ୟବସାୟର ଶାଗ ମାଛ ମୂଲରେ କିଲୋ ପିଛା ୨୫୦୦ରୁ ୩ ହଜାର ଟଙ୍କା ଦେଇ ନେଇଯାଉଛନ୍ତି।

## ଭଦ୍ରକର ଧାମରା ଏୟାରଷ୍ଟ୍ରିପରେ ଓହ୍ଲାଇଲା ପ୍ରଥମ ବିମାନ, ଅଂଚଳରେ ଆର୍ଥିକ ଅଭିବୃଦ୍ଧି ଆଶା




ଧାମରା,୨୯।୧(ପି.ଏନ):ଓଡିଶାର ଭଦ୍ରକ ଜିଲ୍ଲାର ଧାମରା ଏୟାରଷ୍ଟ୍ରିପରେ ମଙ୍ଗଳବାର ପ୍ରଥମ ବିମାନ ଅବତରଣ କରିଛି । ଯାହା ଏହି ଅଞ୍ଚଳରେ ବିମାନ ସଂଯୋଗ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଏୟାରଷ୍ଟ୍ରିପ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ବାଲିମୁଣ୍ଡାରେ ଅବସ୍ଥିତ ।ରିପୋର୍ଟ ଅନୁଯାୟୀ, ଅହମ୍ମଦାବାଦରୁ ସାତ ସିଟ ବିଶିଷ୍ଟ ଏକ ବିମାନ ସକାଳ ୧୦:୨୦ରେ ଧାମରା ଏୟାରଷ୍ଟ୍ରିପରେ ଅବତରଣ କରିଥିଲା। ପ୍ରଥମେ ବାହାରକୁ ଆସିଥିବା ଯାତ୍ରୀ ଥିଲେ ଆଦାନୀ ଗ୍ରୁପର ମହେନ୍ଦ୍ର ମେହେଟ୍ଟା। ଧାମରା ବନ୍ଦରର ଅଧିକାରୀମାନେ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।ଅବତରଣ ପରେ, କମ୍ପାନୀର ଅଧିକାରୀମାନେ ଏଠାରେ ଉପଲବ୍ଧ ସୁବିଧାର ବିଭିନ୍ନ ଦିଗ ସମ୍ପର୍କରେ ଏୟାରଷ୍ଟ୍ରିପ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ପ୍ରାୟ ୩୦ ମିନିଟ୍ ପରେ, ବିମାନଟି ଗନ୍ତବ୍ୟସ୍ଥଳ ଅଭିମୁଖେ ଉଡ଼ାଣ ଭରିଥିଲା। ଉଲ୍ଲେଖଯୋଗ୍ୟ, ଧାମରା ଏବଂ ଜିଲ୍ଲାର ଅନ୍ୟାନ୍ୟ ଅଞ୍ଚଳରେ ବର୍ଦ୍ଧିତ ଶିଳ୍ପ ଆଗ୍ରହକୁ ବିଚାରକୁ ନେଇ ଆଦାନୀ ଗ୍ରୁପକୁ ୨୦୧୭ ମସିହାରେ ବିମାନବନ୍ଦର ବିକଶିତ କରିବାକୁ ଅନୁମୋଦନ ମିଳିଥିଲା। ଏହି ଯୋଜନାରେ ୩.୫ କିଲୋମିଟର ରନୱେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ, ଏପର୍ଯ୍ୟନ୍ତ ୧୨୦୦ ମିଟର ସମ୍ପୂର୍ଣ୍ଣ ହୋଇଛି, ଯାହା ଛୋଟ ବିମାନ ଅବତରଣ ପାଇଁ ଅନୁମତି ପ୍ରଦାନ କରୁଛି ।ଓଡ଼ିଶା ସରକାର ବିମାନବନ୍ଦର ପାଇଁ ଆବଶ୍ୟକୀୟ ୫୦୦ ଏକର ଜମି ମଧ୍ୟରୁ ୨୭୨ ଏକର ଜମି ଆବଣ୍ଟନ କରିଛନ୍ତି। ସମ୍ପୂର୍ଣ୍ଣ ହେବା ପରେ, ଏହି ସୁବିଧା ଏହି ଅଞ୍ଚଳରେ ଶିଳ୍ପାୟନ ଏବଂ ଆର୍ଥିକ ଅଭିବୃଦ୍ଧିକୁ ବୃଦ୍ଧି କରିବ ବୋଲି ଆଶା କରାଯାଉଛି।

## ପୌରାଧ୍ୟକ୍ଷା ପଦରୁ ବହିଷ୍କୃତ ହେଲେ ଶାନ୍ତି ମଞ୍ଜରୀ, ଉତ୍ତରରେ ସନ୍ତୁଷ୍ଟ ନ ଥିଲା ରାଜ୍ୟ ନଗର ଉନ୍ନୟନ ବିଭାଗ

ଦେବଗଡ,୨୯।୧(ପି.ଏନ): କାର୍ଯ୍ୟରେ ଅନୀୟମିତତା ଅଭିଯୋଗରେ ପଦଚ୍ୟୁତ ହେଲେ ଦେବଗଡ ପୌରାଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ । ଓଡିଶା ସରକାରଙ୍କ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ।ଗତ ନଭେମ୍ବରରେ କାର୍ଯ୍ୟରେ ଅନୀୟମିତତା ନେଇ ରାଜ୍ୟ ସରକାର କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ । ନୋଟିସ୍‌କୁ ନେଇ ଶାନ୍ତ ମଞ୍ଜରୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ଡିସେମ୍ବର ୧୧ରେ ହାଇକୋର୍ଟ ଆବେଦନ ଖାରଜ କରି ୭ ଦିନରେ ଉତ୍ତର ରଖିବାକୁ କହିଥିଲେ । ନାଚୁରାଲ ଜଷ୍ଟିସରେ ୨୫ ତାରିଖରେ ଶାନ୍ତିମଞ୍ଜୁରୀଙ୍କୁ ପକ୍ଷ ରଖିବାର ସୁଯୋଗ ନଗରଉନ୍ନୟନ ବିଭାଗ ଅଦାଲତରେ ମିଳିଥିଲା । କିନ୍ତୁ ତାଙ୍କ ଉତ୍ତର ସନ୍ତୋଷ ଜନକ ନ ହେବା କାରଣରୁ, ବିଭାଗ ପକ୍ଷରୁ ତାଙ୍କୁ ବହିଷ୍କୃତ କରାଯାଇଛି । ଗତକାଲି ପଦବୀରୁ ଶାନ୍ତିମଞ୍ଜରୀଙ୍କୁ ବିଦା କରାଯାଇଥିବା ସୂଚନା ।

## ସରିଗଲା ଶୀତ ! ?ଆରମ୍ଭ ହେଲା ଖରା: ଘନକୁହୁଡି ନେଇ ୟେଲୋ ୱାର୍ଣ୍ଣିଂ ଜାରି

ଭୁବନେଶ୍ୱର,୨୯।୧(ପି.ଏନ): ମାଘ ମାସ ଆହୁରି ୧୫ଦିନ ପରେ ?ସରିବ। କିନ୍ତୁ ମାଘମାସରେ ଶୀତ କି ଜାଡ ନାହିଁ। କୋରାପୁଟ, କନ୍ଧମାଳ, ମୟୂରଭଂଜ ଓ ସୁନ୍ଦରଗଡ ଜିଲ୍ଲାର କିଛି ସ୍ଥାନରେ ସାମାନ୍ୟ ଥଣ୍ଡା ଅନୁଭୂତ ହେଉଥିବା ବେଳେ ରାଜ୍ୟରେ ବର୍ତ୍ତମାନ ଶୀତ ଗାୟବ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଆସନ୍ତାକାଲି ଠାରୁ ଆଉ ଶୀତ ଅନୁଭୂତ ହେବ ନାହିଁ।

## ମହାକୁମ୍ଭ ମେଳାରେ ଦଳାଚକଟା: ଭିଆଇପି ସଂସ୍କୃତି ପାଇଁ ଘଟିଲା କି ଅଘଟଣ ?



ଭୁବନେଶ୍ୱର,୨୯।୧(ପି.ଏନ): ଗଦା ଗଦା କପଡା, ଚପଲ, ବ୍ୟାଗ ଓ ଅନ୍ୟାନ୍ୟ ଜିନିଷ ସବୁ ଛିନଛତ୍ର ହୋଇପଡି ରହିଛି। ନିଜର ପ୍ରିୟଜନଙ୍କୁ କିଛି ଶ୍ରଦ୍ଧାଳୁ ଖୋଜିବାରେ ଲାଗିଛନ୍ତି। ଦୃଶ୍ୟ ଅତ୍ୟନ୍ତ ହୃଦୟ ବିଦାରକ। ଉତ୍ତର ପ୍ରଦେଶର ପ୍ରୟାଗରାଜରେ ଆୟୋଜିତ ମହାକୁମ୍ଭ ମେଳାରେ ଏପରି ସ୍ଥିତି ଦେଖିବାକୁ ମିଳିଛି ।କାରଣ ଅମୃତ ସ୍ନାନ ପୂର୍ବରୁ ଜାନୁଆରୀ ୨୯ରେ ସଙ୍ଗମ ଘାଟ ଓ ନିମ୍ନ ସଙ୍ଗମ ରାସ୍ତାରେ ହୋଇଛି ଦଳାଚକଟା। ରାତି ୧.୩୦ରୁ ୩.୩୦ ମଧ୍ୟରେ ଦଳାଚକଟା ଘଟିବାରୁ ଅନେକ ମୃତାହତ ହୋଇଛନ୍ତି। ଜାତୀୟ ଗଣମାଧ୍ୟମରେ ପ୍ରାୟ ୧୦ ଜଣ ଦଳାଚକଟାରେ ପ୍ରାଣ ହରାଇଥିବା କୁହାଯାଉଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘଟଣାରେ ଶୋକ ପ୍ରକାଶ କରିଛନ୍ତି ।ତେବେ ୧୨ ଘଣ୍ଟାରୁ ଅଧିକ ସମୟ ବିତି ଯାଇଥିଲେ ହେଁ ମହା କୁମ୍ଭ ମେଳରେ ଘଟିଥିବା ଦଳାଚକଟାରେ କେତେ ଲୋକ ମୃତାହତ ହୋଇଛନ୍ତି, ତା'ର ସରକାରୀ ଭାବେ ପ୍ରକାଶ ପାଇନି। ଅଧିକାରୀଙ୍କୁ ତଥ୍ୟ ମଗାଗଲେ ସେମାନେ କେବଳ ନୀରବତା ଅବଲମ୍ବନ କରୁଛନ୍ତି।

## ମହାକୁମ୍ଭ ଦଳଚକଟା: ମୃତକଙ୍କ ପାଇଁ ୨୫ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଘୋଷଣା କଲେ ଆଦିତ୍ୟନାଥ

ପ୍ରୟାଗରାଜ,୨୯।୧(ପି.ଏନ): ଉତ୍ତରପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭରେ ବୁଧବାର ଦିନ ଭୋର୍ ସମୟରେ ହୋଇଥିବା ଦଳାଚକଟାରେ ୩୦ ଜଣଙ୍କର ମୃତ୍ୟୁ ଘଟିଛି। ଏହି ସୂଚନା ରାଜ୍ୟ ସରକାର ଦେଇଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ୩ଟି ଗୁରୁତ୍ୱପୂର୍ଣ୍ଣ ଘୋଷଣା କରିଛନ୍ତି ।ପ୍ରଥମ ଘୋଷଣାରେ ମୃତକଙ୍କ ପରିବାରକୁ ୨୫ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିବାକୁ ସିଏମ୍ ଘୋଷଣା କରିଛି।

## ଶିମିଳିପାଳରେ ଘୁରି ବୁଲୁଛନ୍ତି କଳାବାଘ ଛୁଆ, ପର୍ଯ୍ୟଟକ ଦେଖି ହେଲେ ଆଶ୍ଚର୍ଯ୍ୟ

ଶିମିଳିପାଳ,୨୯।୧(ପି.ଏନ): ମଙ୍ଗଳବାର ମୟୁରଭଞ୍ଜର ଶିମିଳିପାଳ ଜାତୀୟ ଉଦ୍ୟାନ ଏବଂ ବ୍ୟାଘ୍ର ସଂରକ୍ଷଣରେ ଏକ ଜଙ୍ଗଲ ସଫାରି ସମୟରେ ପର୍ଯ୍ୟଟକମାନେ ସାଧାରଣ ଛୁଆ ସହିତ ଏକ ମେଲାନିଷ୍ଟିକ୍(କଳା ବାଘ) ଛୁଆକୁ ଦେଖିଥିଲେ ।ଓଡ଼ିଶାର ପ୍ରମୁଖ ମୁଖ୍ୟ ବନ ସଂରକ୍ଷକ (ଚଉଉର) ତାଙ୍କ ଏକ୍ସ (ପୂର୍ବରୁ ଟ୍ୱିଟର) ହ୍ୟାଣ୍ଡେଲରେ ଏହି ବିରଳ ଦୃଶ୍ୟର ଫଟୋ ଶେୟାର କରିଛନ୍ତି। ଅନିର୍ବାଣ ପାଲ ନାମକ ଜଣେ ପର୍ଯ୍ୟଟକଙ୍କ ଦ୍ୱାରା ଉଠାଯାଇଥିବା ଏହି ଫଟୋଟି ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣର ଅନନ୍ୟ ଜୈବ ବିବିଧତାକୁ ଉଜ୍ଜ୍ୱଳ କରିଛି, ଯାହା ବିଶ୍ୱର ଏକମାତ୍ର ସ୍ଥାନ ଯେଉଁଠାରେ ମେଲାନିଷ୍ଟିକ୍ ରୟାଲ୍ ବେଙ୍ଗଲ୍ ଟାଇଗର ପ୍ରାକୃତିକ ଭାବରେ ଦେଖାଯାଏ ।ମେଲାନିଷ୍ଟିକ୍ ବାଘ, ଯାହାକୁ କଳା ବାଘ ମଧ୍ୟ କୁହାଯାଏ, ଅତ୍ୟନ୍ତ ବିରଳ ଏବଂ ଏକ ଜେନେଟିକ୍ ମ୍ୟୁଟେସନ୍ ର ଫଳାଫଳ ଯାହା ସେମାନଙ୍କର ଦେହରେ ପଡିଥିବା କଳା ଗାର ଗୁଡିକ ପରସ୍ପର ନିକଟତର କରିଥାଏ, ସେମାନଙ୍କୁ ଏକ ସ୍ୱତନ୍ତ୍ର କଳା ରଙ୍ଗ ପ୍ରଦାନ କରିଥାଏ ।ନିକଟରେ



କରାଯାଇଥିବା ଜନଗଣନା ଅନୁଯାୟୀ ଶିମିଳିପାଳରେ ଏହି ମେଲାନିଷ୍ଟିକ୍ ବାଘ ମଧ୍ୟରୁ ପ୍ରାୟ ୧୩ ଟି ଅଛନ୍ତି। ପୂର୍ବରୁ ଜାନୁଆରୀ ୧୨ରେ, ଶିମିଳିପାଳରୁ ଗୋଟିଏ ମେଲାନିଷ୍ଟିକ୍ ବାଘର ଶିକାର ସହିତ ଜଡିତ ଅନେକ ଲୋକଙ୍କୁ ଗିରଫ କରାଯାଇଥିଲା। ଧରାପଡ଼ିଥିବା ଲୋକଙ୍କଠାରୁ ସେହି ବାଘର ଚମଡ଼ା ଏବଂ ନଖ ଉଦ୍ଧାର କରାଯାଇଥିଲା ।ଏହି ଘଟଣା ଦେଶର ବନ୍ୟପ୍ରାଣୀ କର୍ମୀଙ୍କ ମଧ୍ୟରେ ଭୟର ଲହରୀ ସୃଷ୍ଟି କରିଥିଲା ??ଏବଂ ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଅଧିକ ନଜର ରଖିବାକୁ କୁହାଯାଇଥିଲା। ପରବର୍ତ୍ତୀ ସମୟରେ, ବନ ବିଭାଗ ଶିକାରୀମାନଙ୍କୁ ଚିହ୍ନଟ କରିବା ଏବଂ ଶିମିଳିପାଳର ଅନନ୍ୟ ଜେନେଟିକ୍ ବିବିଧତାକୁ ସଂରକ୍ଷଣ କରିବା ପାଇଁ ଇଓ କ୍ୟାମେରା ବ୍ୟବହାର ସମେତ ଅନେକ ପଦକ୍ଷେପ ଗ୍ରହଣ କରିଥିଲା ।ଏହି ସମୟରେ, ଏପରି ଏକ ବିରଳ ଦୃଶ୍ୟ ବନ୍ୟପ୍ରାଣୀ ଉତ୍ସାହୀ ଏବଂ ପର୍ଯ୍ୟଟକଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଆଣି ଦେଇଛି ଏବଂ ଅନେକ ଲୋକ ସୋସିଆଲ ମିଡିଆରେ ଏହି ଫଟୋଗୁଡିକୁ ବହୁଳ ଭାବରେ ଶେୟାର କରିଛନ୍ତି।

## ପର୍ଯ୍ୟଟନରେ ୧୨୧ଟି ପ୍ରୋଜେକ୍ଟ ଉପରେ ପୁଞ୍ଜି ପ୍ରସ୍ତାବ, ପ୍ରଭାତୀଙ୍କ ସୂଚନା

ଭୁବନେଶ୍ୱର,୨୯।୧(ପି.ଏନ): ଓଡିଶା ପାଇଁ ନୂଆ ଆଶା ଓ ସମ୍ଭାବନା ଆଣିବ ଉତ୍କର୍ଷ ଓଡିଶା-୨୦୨୫। ପ୍ରଗତିର ନୂଆ ପରମ୍ପରା ସୃଷ୍ଟି କରିବ ଉତ୍କର୍ଷ ଓଡିଶା। ଏହାସହ ସମୃଦ୍ଧ ଓଡିଶା ଗଠନର ସ୍ୱପ୍ନକୁ ସାକାର କରିବ ଉତ୍କର୍ଷ ଓଡିଶା ।ତେଣୁ ପର୍ଯ୍ୟଟନରେ ୧୨୧ଟି ପ୍ରୋଜେକ୍ଟ ଉପରେ ପୁଞ୍ଜି ପ୍ରସ୍ତାବ ଆସିଛି। ଏନେଇ ସୂଚନା ଦେଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ପାଖାପାଖି ୮ ହଜାର ୧୫୩ କୋଟି ନିବେଶ ପାଇଁ ପ୍ରସ୍ତାବ



ଆସିଛି ।ନ୍ୟାସନାଲ କାଉନସିଲ୍ ଅଫ୍ ସାଇନ୍ସ ମ୍ୟୁଜିଅମ୍ ସହିତ ଗଢଟ ହୋଇଛି। ମ୍ୟୁଜିୟମ୍ ଟୁରିଜିମ ବଢ଼ାଇବାକୁ କିଛି ପଲିସି ବଦଳିବା ଦରକାର। ରିସର୍ଟ, ହୋଟେଲ, ୱାଟର ସ୍ପର୍ଟ୍ସ, ଆଡଭେଞ୍ଚର ସ୍ପର୍ଟ୍ସକୁ ଗିରିତ୍ୱ ଦିଆଯାଇଛି।

## କଂଗ୍ରେସକୁ ମିଳିବ ସୁର ରାଉତରାୟଙ୍କ ଶକ୍ତି, ଦିଲ୍ଲୀ ନିର୍ବାଚନ ପରେ ପିସିସ ସଭାପତି ଘୋଷଣା

ଭୁବନେଶ୍ୱର,୨୯।୧(ପି.ଏନ): ଦିଲ୍ଲୀ ନିର୍ବାଚନ ପରେ ପିସିସି ସଭାପତିଙ୍କ ନାଁ ଘୋଷଣା କରିବେ ହାଇକମାଣ୍ଡ। ପୂର୍ବରୁ ଏଆଇସିସି ଦ୍ୱାରା ନିଯୁକ୍ତ ଦୁଇ ପର୍ଯ୍ୟବେକ୍ଷକ ସେମାନଙ୍କ ରିପୋର୍ଟ ଦେଇ ସାରିଛନ୍ତି। ଏବେ ଦିଲ୍ଲ ଦିଲ୍ଲୀ ନିର୍ବାଚନ ପାଇଁ ଏଆଇସିସି ନେତାମାନେ ବ୍ୟସ୍ତ ଅଛନ୍ତି। କଂଗ୍ରେସର ତୃଣମୂଳ ସ୍ତରରୁ ରାଜ୍ୟ ନେତୃତ୍ୱ ଯାଏ ନବକଳେବର ହେବ। କଂଗ୍ରେସର ସନ୍ତୋଷ ସିଂହ ସାଲୁଜା ଏହି ସୂଚନା ଦେଇଛନ୍ତି। ଉଲେଖାଯୋଗ୍ୟ, ୬ ମାସ ହେବ କେବଳ ପିସିସି ସଭାପତି ନୁହେ, ପ୍ରଦେଶ କଂଗ୍ରେସ କମିଟି ସମେତ ରାଜ୍ୟ ମହିଳା କଂଗ୍ରେସ କମିଟି, ଯୁବ କଂଗ୍ରେସ କମିଟିକୁ ମଧ୍ୟ ଭାଙ୍ଗି ଦିଆଯାଇଛି। ଅନ୍ୟପକ୍ଷରେ କଂଗ୍ରେସକୁ ପୁଣି ଫେରିବେ ଜଟଣୀର ପୂର୍ବତନ



ବିଧାୟକ ସୁରେଶ କୁମାର ରାଉତରାୟ। ସୁର କହିଛନ୍ତି, ରାହୁଲ ଗାନ୍ଧିଙ୍କ ଘନିଷ୍ଠ ତାଙ୍କୁ ଡାକିଛନ୍ତି। ତାଙ୍କୁ ଲେଖୁକି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। କିଛି ନେତା ତାଙ୍କୁ କଂଗ୍ରେସକୁ ଫେରାଇ ନେବାକୁ ପ୍ରୟାସ କରୁଛନ୍ତି ବୋଲି ସୁର ସୂଚନା ଦେଇଛନ୍ତି ।୨୪ ବର୍ଷ ହେଲା ରାଜ୍ୟରେ କ୍ଷମତା ଠାରୁ ଦୂରେଇ ରହିଛି କଂଗ୍ରେସ। ମାସ ମାସ ଧରି ପିସିସି ସଭାପତି ସହ ଅନ୍ୟ ପ୍ରମୁଖ ପଦ ଫାଙ୍କା ପଡିଛି। ରାଜ୍ୟସ୍ତରଠାରୁ ଆରମ୍ଭ କରି ଜିଲ୍ଲାସ୍ତର ଯାଏଁ ଦଳୀୟ ନେତାଙ୍କର ଶିଥିଳ ପଡିଗଲାଣି ସ୍ୱର। ବିଭିନ୍ନ ପ୍ରସଙ୍ଗରେ କିଛି ଛାତ୍ର ଓ ଯୁବ କଂଗ୍ରେସର କର୍ମୀ ରାସ୍ତାକୁ ଓହ୍ଲାଉଥିବା ବେଳେ ଦଳର ବରିଷ୍ଠ ନେତା ସାମ୍ନାକୁ ଆସିବାକୁ ସହଜ ଅନୁଭବ କରୁନାହାନ୍ତି। ଘରେ ବସି ଦଳର ଅଧୋପତନକୁ ଅନୁଭବ କରୁଛନ୍ତି କିନ୍ତୁ ଦାୟିତ୍ୱ ନେବାକୁ ପଛଘୁଞ୍ଚା ଦେଉଛନ୍ତି। ସୂଚନାଯୋଗ୍ୟ ଯେ, ଓଡିଶା ରାଜନୀତିର ଚିତ୍ର ବଦଳିବା ପରେ ନିଜ ନିଜର ସଙ୍ଗଠନକୁ ମଜବୁତ କରିବାରେ ଲାଗିଛନ୍ତି ବିଜେପି ଓ ବିଜେଡି। ସଭ୍ୟ ସଂଗ୍ରହ ଅଭିଯାନ ଜରିଆରେ ଦଳରେ ଦଳର କଳେବରକୁ ବ?ାଉଛନ୍ତି। ହେଲେ, ରାଜ୍ୟରେ କଂଗ୍ରେସ ସବୁ ଦଳୀୟ କାର୍ଯ୍ୟ ଛାଡି ମୁଖିଆ ଅପେକ୍ଷାରେ ଏଆଇସିସି ନିଷ୍ପତିକୁ ଚାହିଁ ବସିଛି।

## ମହିଳାଙ୍କୁ ମାରି ଜେଲ ଯାଇଥିଲା, ୫ ବର୍ଷ ପରେ କାହିଁକି ସ୍ୱାମୀ ଓ ତାଙ୍କ ମା'ଙ୍କୁ ମାରିଲା ?

ଭୁବନେଶ୍ୱର,୨୯।୧(ପି.ଏନ): ଭୟଙ୍କର ଓ ବୀଭତ୍ସ ଡବଲ ମର୍ଡରକୁ ନେଇ କେରଳ ପାଲକ୍କଡ ଜିଲ୍ଲାର ନେନମାରା ସହର ପୂରା ସ୍ତବ୍ଧ। ସ୍ଥାନୀୟ ଅଞ୍ଚଳରେ ରହୁଥିବା ୫୫ ବର୍ଷୀୟ ସୁଧାକରନ ଓ ତାଙ୍କ ମା' ଲକ୍ଷ୍ମୀ(୭୫ ବର୍ଷ)ଙ୍କୁ ସୋମବାର ଅତ୍ୟନ୍ତ ଭୟଙ୍କର ଢଙ୍ଗରେ ଛୁରୀ ଭୁଷି ହତ୍ୟା କରାଯାଇଛି। ଉଭୟ ଘରେ ଥିବା ବେଳେ ପଡୋଶୀ ଭାବେ ରହୁଥିବା ଚେନ୍ତାମାରା ସେମାନଙ୍କୁ ହତ୍ୟା କରିଛି। ନିକଟରେ ଚେନ୍ତାମାରା ଜାମିନରେ ମୁକୁଳିଥିଲା।୨୦୧୯ରେ ସେ ସୁଧାକରନଙ୍କ ପତ୍ନୀ ସଞ୍ଜିତାଙ୍କୁ ହତ୍ୟା କରିଥିଲା। ଏହି ହତ୍ୟାକାଣ୍ଡ ପାଇଁ ସେ ଜେଲ ଯାଇଥିଲା। ଜେଲରୁ ୫ ବର୍ଷ ପରେ ବାହାରିବା ପରେ ସଞ୍ଜିତାଙ୍କ



ସ୍ୱାମୀ ଓ ଶାଶୁଙ୍କୁ ହତ୍ୟା କରିଛି। ଘଟଣା ପରେ ଫେରାର ଥିବା ଚେନ୍ତାମାରାଙ୍କୁ ପୁଲିସ୍ ୩୬ ଘଣ୍ଟାର ସର୍ଚ୍ଚ ଅପରେସନ ପରେ ଧରିବାକୁ ସକ୍ଷମ ହୋଇଛି। ଏପରି ଭୟଙ୍କର ହତ୍ୟାକାଣ୍ଡକୁ ନେଇ ସ୍ଥାନୀୟ ଲୋକେ ତାତିଛନ୍ତି। ସେମାନେ ପୁଲିସ ଷ୍ଟେସନ ବାହାରେ ବିକ୍ଷୋଭ କରିବାରୁ ପୁଲିସ୍‌କୁ ମଧ୍ୟ ସେମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ମୃଦୁ ଲାଠି ଚାଳନା କରିବାକୁ ପଡିଛି।











## ଟି ଟାଇମ୍

## ବୈଜନାଥ ମନ୍ଦିର

ହିମାଚଳ ପ୍ରଦେଶର କାଙ୍ଗଡା ଜିଲ୍ଲାରେ ବୈଜନାଥ ମନ୍ଦିର ଅବସ୍ଥିତ। ଏହି ମନ୍ଦିର ପାଣ୍ଡପଙ୍କ ସମୟରେ ନିର୍ମାଣ କରାଯାଇଥିଲା। ଅଜ୍ଞାତବାସ ସମୟରେ ପାଣ୍ଡବମାନେ ଏହି ମନ୍ଦିରକୁ ନିର୍ମାଣ କରିଥିଲେ ବୋଲି କେହି କେହି ମତ ବ୍ୟକ୍ତ କରିଛନ୍ତି। ମନ୍ଦିର ନିର୍ମାଣ କରିବା ସହ ସ୍ୱର୍ଗକୁ ଯିବା ପାଇଁ ନିଶୁଣୀ ତିଆରି କରିବା ପାଇଁ ଚାହିଁଥିଲେ କିନ୍ତୁ ସୂର୍ଯ୍ୟୋଦୟ ହୋଇଯିବାରୁ ଏହି କାମକୁ ଅଧାରୁ ଛାଡି ପାଣ୍ଡବ ଚାଲିଯାଇଥିଲେ। କୁହାଯାଇଛି ଯେ, ଏହି ମନ୍ଦିରରେ ସ୍ଥାପିତ ହୋଇଥିବା ଶିବଲିଙ୍ଗକୁ ରାବଣ ଶ୍ରୀଲଙ୍କା ନେଇଯାଉଥିଲା। ରାବଣ ଏହି ଲିଙ୍ଗକୁ ନେଇଯାଉଥିବା ଖବର ଜାଣି ଭଗବାନ ଗଣେଷ ରାବଣକୁ ଅଟକାଇ ଥିଲେ। ଫଳରେ ରାବଣ ଶିବଲିଙ୍ଗକୁ ସାଥିରେ ନନେଇ ଉକ୍ତ ସ୍ଥାନରେ ରଖିଦେଇଥିଲା। ସେହିପରି ଉତ୍ତରାଖଣ୍ଡରେ ଥିବା ବୈଦ୍ୟନାଥ ୧୨ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଅନ୍ୟତମ। ଏଠାରେ ରାବଣ ଶିବଲିଙ୍ଗ ତିଆରି କରି ଶିବଙ୍କୁ ଆରଧନା କରିଥିଲେ। ଏଠାରେ ରାମଲୀଳା ଉତ୍ସବ କରାଯାଇନଥାଏ। ଯଦି କୌଣସି ଦଶତ ରାମଲୀଳା ପାଳନ କରିବା ପାଇଁ ଚେଷ୍ଟା କିଏ କଲା ତା ସହ କିଛି ନା କିଛି ସମସ୍ୟା ଦେଖାଦେଇଥାଏ ବୋଲି ଅନେକ ବିଶ୍ୱାସ କରିଥାନ୍ତି। ଏହି ମନ୍ଦିରରେ ମା' ଦୁର୍ଗାଙ୍କ ବିଭିନ୍ନ ରୂପ ମନ୍ଦିରର ଚାରିପଟେ ରହିଛି।

## ପ୍ଲାଷ୍ଟିକ୍ ବେବି



ଏହି ବ୍ୟସ୍ତ ବହୁଳ ଜୀବନରେ ଜଣେ ସାଧାରଣ ବ୍ୟକ୍ତି ଠିକ୍ ଭାବରେ ଖାଦ୍ୟ ଖାଇବାକୁ ସମୟ ପାଉନଥିବା ବେଳେ ୮ବର୍ଷୀୟ ପିଲା ଖାଦ୍ୟ ଖାଇବା ଛାଡ଼ି ପ୍ଲାଷ୍ଟିକ୍ ଜିନିଷ ଖାଇ ଯାଉଛି । ୮ବର୍ଷର ଝିଅ ଜେସିକା ୱାକର, ପିକା ନାମକ ରୋଗରେ ପୀଡ଼ିତ । ଏହି ରୋଗରେ ଜେସିକା ପୌଷ୍ଟିକ ଆହାରକୁ ଛାଡ଼ି ଅନ୍ୟ ସବୁ କିଛି ଖାଇବାକୁ ଇଚ୍ଛା ହୋଇଥାଏ ଯାହା ଜଣେ ସାଧାରଣ ବ୍ୟକ୍ତି କେବେ ଖାଇନଥାଏ । ଜେସିକାର ମା' ଲିଣ୍ଡସେ କହନ୍ତି ଯେତେବେଳେ ଜେସିକା ଛୋଟଥିଲେ ବାଲି, ମାଟି ଓ ମହମବତୀ ଖାଇଦେଉଥିଲେ । ଯଦି ପ୍ଲେଟରେ ମାଂସ ତରକାରି କିମ୍ବା ଅନ୍ୟ କୌଣସି ବ୍ୟଞ୍ଜନ ରଖାଯାଇଥାଏ ତେବେ ଜେସିକା ତାକୁ କେବେବି ଛୁଅନ୍ତି ନାହିଁ । ଝିଅର ଏଭଳି ସମସ୍ୟା ଦେଖି ତାଙ୍କ ମା' ତାକୁ ବାଳ ସୁରକ୍ଷା ଗୃହରେ ଛାଡ଼ିଥିଲେ କିନ୍ତୁ ସେଠାରେ ମଧ ଏକା ପରିସ୍ଥିତି ଉପୁଜିଥିଲା । ଜେସିକା କଞ୍ଚା ପରିବା ଖାଆନ୍ତି, ଜିନିଷ ପତ୍ର ଉପରେ ଲାଗିଥିବା ର୍ୟାପ୍ ବା ଜରିକୁ ଖାଆନ୍ତି । ଡାକ୍ତରଙ୍କ କହିବା ଅନୁସାରେ ଜେସିକାଙ୍କର ଏହି ରୋଗ ଭିଟାମିନ୍‌ର ଅଭାବ କାରଣରୁ ହୋଇଥାଏ । ପାଞ୍ଚ ବର୍ଷ ହେବ ଜେସିକାଙ୍କର ଏହି ରୋଗ ହୋଇଥିଲେ ହେଁ ତାଙ୍କର ଚିକିତ୍ସା ଠିକ୍ ଭାବେ କରାଯାଇପାରୁନାହିଁ । ଏଥିପାଇଁ ଜେସିକାର ମା' ବହୁତ ଚିନ୍ତିତ ଅଛନ୍ତି ।

## ଚର୍ଚ୍ଚାରେ 'ହରାମ୍‌ଖୋର'

ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ



ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

## କୁଟୁମ୍ବେଶ୍ୱର ମହାଦେବଙ୍କ ମହାତ୍ମ୍ୟ



ସଂସାର ହିତ ଲାଗି ସୋମବତୀ ଅମାବାସ୍ୟା କୁଟୁମ୍ବେଶ୍ୱର ଲିଙ୍ଗଙ୍କୁ ଦର୍ଶନ କଲେ କୁଟୁମ୍ବ ବୃଦ୍ଧି ପାଇବା ସହ ସମସ୍ତ ପାପ ଦୂର ହୋଇଥାଏ। ରବିବାର, ସୋମବାର, ଅଷ୍ଟମୀ, ଚତୁର୍ଦ୍ଦଶୀ ତଥା ସୋମବତୀ ଦିନ ଶିପ୍ରା ନଦୀରେ ସ୍ନାନ କରି କୁଟୁମ୍ବେଶ୍ୱରଙ୍କୁ ଦର୍ଶନ କଲେ ସୁଫଳ ମିଳିଥାଏ। ଏହାସହ ସ୍କନ୍ଦ ପୁରାଣରେ କୁଟୁମ୍ବେଶ୍ୱରଙ୍କ ମହାତ୍ମ୍ୟ ବର୍ଣ୍ଣନା କରାଯାଇଛି। ଏକଦା ଦେବତା ଓ ରାକ୍ଷସ ସମୁଦ୍ର ମନ୍ଥନ କରୁଥିବା ବେଳେ ବିଷ ଉତ୍ପନ୍ନ ହେଲା। ଏହାଦେଖି ରାକ୍ଷସ ଓ ଦେବତାମାନେ ବିଚଳିତ ହୋଇ ଉଠିଲେ। ସେମାନେ ଭଗବାନ ଶିବଙ୍କ ନିକଟକୁ ଯାଇ ସମସ୍ତ କଥା ପ୍ରକାଶ କରି ବିଷକୁ ଦୂର କରିବା ଲାଗି ପ୍ରାର୍ଥନା କଲେ। ମହାଦେବ ସମସ୍ତ କଥା ଶୁଣିବା ପରେ ମୟୂର ରୂପ ଧାରଣ କରି ସେହି ବିଷକୁ ପାନ କରିବା ଦ୍ୱାରା ତାଙ୍କ କଣ୍ଠ ନୀଳ ପଡିଗଲା। କିନ୍ତୁ ମହାଦେବ ଏହି ବିଷକୁ ଦୂର କରିବା ଲାଗି ଶିପ୍ରା ନଦୀକୁ ଆଦେଶ ଦେଲେଯେ ଏହି ବିଷକୁ ନେଇ ସେ ମହାକାଳ ବଣରେ ଥିବା କାମେଶ୍ୱରସ୍ଥିତ ଏକ ଲିଙ୍ଗ ଉପରେ ଚଢ଼ାଇ ଦିଅ। ମା' ଶିପ୍ରା ନଦୀ ଉକ୍ତ ବିଂକୁ ନେଇ ଲିଙ୍ଗ ଉପରେ ଢ଼ାଳିଦେଲେ। ବିଷର ପ୍ରଭାବରେ ଯେଉଁ ପ୍ରାଣୀ ତାଙ୍କୁ ଦର୍ଶନ କରୁଥିଲେ ସେମାନେ ମୋକ୍ଷ ପ୍ରାପ୍ତ କରୁଥିଲେ। କିଛି ବ୍ରାହ୍ମଣ ତୀର୍ଥ ଯାତ୍ରା କରିବା ଲାଗି ଏହି ଲିଙ୍ଗ ନିକଟକୁ ଆସି ଦର୍ଶନ କଲେ। ଦର୍ଶନ ଫଳରେ ସମସ୍ତ ବ୍ରାହ୍ମଣ ଦେହତ୍ୟାଗ କଲେ ଏହାଦ୍ୱାରା ତାଙ୍କ କୁଟୁମ୍ବ ଲୋପ ପାଇବାକୁ ଲାଗିଲା। ଏହା ଦେଖି କିଛି ବ୍ରାହ୍ମଣ ତାଙ୍କ କୁଟୁମ୍ବକୁ ବଞ୍ଚାଇବା ଲାଗି ଭଗବାନ ଶିବଙ୍କୁ ପ୍ରାର୍ଥନା କଲେ ଉକ୍ତ ପ୍ରାର୍ଥନାକୁ ସ୍ୱୀକାର କରି ମହାଦେବ କହିଲେ ରାଜା ଲକୁଲିଶ ଏହି ଲିଙ୍ଗକୁ ଦର୍ଶନ କଲେ ବିଷର ପ୍ରଭାବ ଆପେ ଆପେ ଦୂର ହୋଇଯିବ। ଏହି ଲିଙ୍ଗକୁ କୁଟୁମ୍ବେଶ୍ୱର କୁହାଯିବ କହି ମହାଦେବ ଅନ୍ତର୍ଦ୍ଧାନ ହୋଇଗଲେ ସେବେଠାରୁ ଏହି ଲିଙ୍ଗର ନାମ କୁଟୁମ୍ବେଶ୍ୱର ରହି ଆସିଛି।

## ୫୦୦ କୋଟି ବନାମ ୫୦୦ଟଙ୍କା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିମୁଦ୍ରାକରଣ ନୀତି ସତ୍ତ୍ୱେ ଦେଶବାସୀ ଦେଖିଥିଲେ କର୍ଣ୍ଣାଟକର ପୂର୍ବତନ ମନ୍ତ୍ରୀ ତଥା ଖଣି ମାଲିକ ଜନାର୍ଦ୍ଦନ ରେଡ୍ଡୀଙ୍କ ଝିଅ ବ୍ରାହ୍ମଣୀଙ୍କ ୫୦୦ କୋଟିର ବିବାହ। ବିବାହ କାର୍ଡ, ପୋଷାକଠାରୁ ଆରମ୍ଭ କରି ଭୋଜିଭାତରେ ଖର୍ଚ୍ଚ ହୋଇଥିଲା କୋଟି କୋଟି ଟଙ୍କା। ଏବେ କିନ୍ତୁ ଦେଶବାସୀ ଏହି ନୀତିର ଅପରପାର୍ଶ୍ୱ ଦେଖିବାକୁ ପାଇଛନ୍ତି। ସାଧାରଣ ଜନତା ଏହି ନୀତି ଦ୍ୱାରା କେତେମାତ୍ରାରେ ପ୍ରଭାବିତ ହୋଇଛନ୍ତି ତାହାର ଜ୍ୱଳନ୍ତ ଉଦାହରଣ ସାଜିଛି ସୁରଟର ଦକ୍ଷା ପରମାର୍ ଓ ଭାରତ ମାରୁଙ୍କ ମାତ୍ର ୫୦୦ ଟଙ୍କାର ବିବାହ। ସୁରଟର ଏକ ଇଲେକଟ୍ରିସିଟି କମ୍ପାନୀରେ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଥିବା ରାଜ୍ ପରମାର୍ ନିଜ ଝିଅ ଦକ୍ଷାଙ୍କ ବିବାହ ଠିକ୍ କରିଥିଲେ କମ୍ପ୍ୟୁଟର ଇନିୟର ଭାରତ ମାରୁଙ୍କ ସହ। ଦୀପାବଳି ପୂର୍ବରୁ ଉଭୟ ପରିବାରର ମିଳାମିଶା ପରେ ବିବାହ ତାରିଖ ଦୀପାବଳି ପରେ ତଥା ନଭେମ୍ବର ୨୪କୁ ନିର୍ଦ୍ଧାରଣ କରାଯାଇଥିଲା। ଏହା ମଧ୍ୟ ସ୍ଥିର କରାଯାଇଥିଲା କି ଖୁବ୍ ଧୂମ୍‌ଧାମରେ ବିବାହ କରାଯିବ। ମାତ୍ର ୮ ତାରିଖରେ ୫୦୦ ଓ



୧୦୦୦ ଟଙ୍କିଆ ଅଚଳ ଉପରେ ଭାଷଣ ଶୁଣିବା ପରେ ଚିନ୍ତାରେ ଆସିଯାଇଥିଲେ ଉଭୟ ପରିବାର। ଜାକଜମକରେ କରିବାକୁ ଥିବା ବିବାହ ଆଶା ମଉଳି ଯାଇଥିଲା ସେମାନଙ୍କର। ନିର୍ଦ୍ଧାରିତ ତାରିଖ ପରିବର୍ତ୍ତେ ଅନ୍ୟ ତାରିଖରେ ବିବାହ କରିବା ପାଇଁ ଯୋଜନା କରିବାକୁ ଆରମ୍ଭ କରିଥିଲେ। କିନ୍ତୁ ସେହି ସମୟରେ ଦକ୍ଷା ଏକ ଉପାୟ ଚିନ୍ତା କରିଥିଲେ। ସେ ବିନା ଆଡମ୍ବରରେ ଭୋଜିରେ କେବଳ ଚା ଓ ପାଣିର ବ୍ୟବସ୍ଥା କରି ବିବାହ କରିବାର ପ୍ରସ୍ତାବ ପରିବାର ସଦସ୍ୟଙ୍କୁ ଦେଇଥିଲେ। ପ୍ରଥମେ ପରିବାର ଲୋକଙ୍କୁ ଦକ୍ଷାଙ୍କ ଏହି ପ୍ରସ୍ତାବ ଉଚିତ ଲାଗିନଥିଲା। କିନ୍ତୁ ବାରମ୍ବାର ବୁଝାଇବା ପରେ ସେମାନେ ରାଜି ହୋଇଥିଲେ। ପରେ ଉଭୟ ଦକ୍ଷା ଏବଂ ତାଙ୍କ ପରିବାର ସଦସ୍ୟ ମିଶି ଭାରତଙ୍କ ପରିବାର ଲୋକଙ୍କୁ ପ୍ରସ୍ତାବ ଦେଇଥିଲେ। ପ୍ରଥମେ ମଧ୍ୟ ଭାରତଙ୍କ ପରିବାର ଠାରୁ ଅନୁରୂପ ପ୍ରତିକ୍ରିୟା ମିଳିଥିଲା। ମାତ୍ର ପରେ ସେମାନେ ମଧ୍ୟ ରାଜି ହୋଇଯାଇଥିଲେ। କାରଣ ତାଙ୍କ ପାଇଁ ପିଲାମାନଙ୍କ ବିବାହ ଅଧିକ ଗୁରୁତ୍ୱ ରଖୁଥିଲା ସେଥିରେ ଖର୍ଚ୍ଚର ପରିମାଣ ନୁହେଁ। ଦୁଇ ପରିବାରର ସମ୍ମତିରେ ବିନା ଜାକଜମକରେ ବେଦ୍ ରୋଡ ଠାରେ ଥିବା ଏକ କମ୍ୟୁନିଟି ହଲ୍‌ରେ ଆୟୋଜିତ ହୋଇଥିଲା ବିବାହ। ସେଥିରେ କନ୍ୟାପକ୍ଷରୁ ପ୍ରାୟ ୫୦ ଜଣ ଓ ବର ପକ୍ଷରୁ ପ୍ରାୟ ୧୨୫ ରୁ ୧୫୦ ଜଣ ନିମନ୍ତ୍ରିତ ଅତିଥି ଯୋଗ ଦେଇଥିଲେ। ସମସ୍ତ ଅତିଥିଙ୍କୁ ଭୋଜିରେ ଦିଆଯାଇଥିଲା ଗୋଟିଏ ଗ୍ଲାସ ପାଣି ଓ କପେ ଚା। ଏପରି ବିବାହରେ ଅତିଥି ମାନେ ମଧ୍ୟ ପୂର୍ଣ୍ଣ ସମର୍ଥନ ଜଣାଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦକ୍ଷା ଓ ଭାରତଙ୍କ ଏହି ବିବାହକୁ ପ୍ରଶଂସା କରିଛନ୍ତି। ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ସେ କହିଛନ୍ତି ମୁଁ ଚାଏ ପେ ଚର୍ଚ୍ଚା ଆରମ୍ଭ କରିଥିଲି କିନ୍ତୁ ଏହି ଚା ଏବେ ବିବାହ ମଣ୍ଡପରେ ପହଞ୍ଚି ଗଲାଣି ଜାଣି ଖୁସି ଲାଗୁଛି।

## ଲାଭଦାୟକ ୱେବ୍‌ସାଇଟ୍

ଅନ୍‌ଲାଇନ୍ ସପିଂର ମଜା ଯିଏ କରିଛି ସିଏ ଜାଣିଛି । ଗୋଟିଏ କ୍ଲିକ୍‌ରେ ଜିନିଷ ପାଖରେ ଆସି ହାଜର ହୋଇଯାଏ । ନା ମୁଲେଇ କରିବାକୁ ପଡ଼ିଥାଏ ନା ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ । କଥାରେ କହନ୍ତି ବାପାମା'ଙ୍କୁ ଛାଡ଼ିଦେଇ ସବୁକିଛି ଇଣ୍ଟରନେଟ୍‌ରେ ଉପଲବ୍ଧ । କିନ୍ତୁ ଆଜି ଆପଣଙ୍କୁ ଆମେ ଏପରି ଏକ ୱେବ୍‌ସାଇଟ୍ ବିଷୟରେ ଜଣାଇବୁ ଯେଉଁଥିରୁ ଆପଣ ଯାହା ଚାହିଁବେ ତାହା କିଣିପାରିବେ । ଜାପାନର ଏକ ୱେବ୍‌ସାଇଟ୍ ନ୍ତରେଣ୍ଟଏବାଇଫଅଟୋବା ଡଟ୍ କମ୍'ରେ ଆପଣଙ୍କୁ ଅନ୍ତଃବସ୍ତ୍ରଠାରୁ ଆରମ୍ଭ କରି ମା-ବାପା, ପତି-ପତ୍ନୀ ଏବଂ ପିଲା



ମଧ ଭଡ଼ାରେ ମିଳିଥାନ୍ତି । ବର୍ତ୍ତମାନ ଜାପାନରେ ଏହି ୱେବ୍‌ସାଇଟ୍ ଅନେକ ଲୋକପ୍ରିୟ ହୋଇଗଲାଣି । ଏହି ୱେବ୍‌ସାଇଟ୍‌ଟି ଗ୍ରାହକମାନଙ୍କୁ ସମସ୍ତ ପ୍ରକାରର ସୁବିଧା ଯୋଗାଇବା ପାଇଁ ଗ୍ରାହକମାନଙ୍କଠାରୁ ମୋଟା ପରିମାଣର ଅର୍ଥ ନେଇଥାଏ । ଜାଣିରଖନ୍ତୁ ଏହି ୱେବ୍‌ସାଇଟ୍‌ରେ କ'ଣ ସବୁ ମିଳୁଛି ? ଯଦି ଆପଣ ଏକଲା ଅଛନ୍ତି ତେବେ ଏହି ୱେବ୍‌ସାଇଟ୍‌ଟି ଆପଣଙ୍କ ଏକୁଟିଆପଣ ଦୂର କରିବା ପାଇଁ ଗ୍ରାହକଙ୍କ ଇଚ୍ଛା ମୁତାବକ ପୁରୁଷ କିମ୍ବା ସ୍ତ୍ରୀ ବନ୍ଧୁ ମଧ ଉପଲବ୍ଧ କରେଇଥାଏ । ଏଠାରେ ଆପଣଙ୍କୁ ଭଲ ପାଉଥିବା ମାତା-ପିତା ମଧ ମିଳିଥାନ୍ତି । ଏହା ବ୍ୟତୀତ ଏହା ଏପରି ଏକମାତ୍ର ୱେବ୍‌ସାଇଟ୍ ଯାହା ଅନ୍ତଃବସ୍ତ୍ରକୁ ଭଡ଼ାରେ ଦେଇଥାଏ । ଯଦି ଆପଣ ଆପଣଙ୍କର ବୋରିଂନେସ୍‌କୁ ଦୂର କରିବାକୁ ଚାହୁଁଛନ୍ତି ତେବେ ଆବଶ୍ୟକ ହେଲେ ଏକ ଛୋଟ ସୁନ୍ଦର ଶିଶୁ ସହିତ ମଧ ସମୟ ଅତିବାହିତ କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ ନାହିଁ କିମ୍ବା ଆପଣ ପିଲାଙ୍କ ସ୍କୁଲ ଘରପାଠ କରିବାରେ ସାହାଯ୍ୟ କରି ପାରୁନାହାନ୍ତି ତେବେ ଏହି ୱେବ୍‌ସାଇଟଟି ଆପଣଙ୍କ ପାଇଁ ଏପରି ଏକ ବ୍ୟକ୍ତି ଠିକ୍ କରିଦେବେ ଯିଏ ଆପଣଙ୍କ ପିଲାର ଘରପାଠ କରିବାରେ ମଧ ସାହାଯ୍ୟ କରିବ ।

## ଆଜିର ଭାଗ୍ୟ

**ମେଷ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

**ବୃଷ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**ମିଥୁନ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**କର୍କଟ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ସିଂହ** – ଇଚ୍ଛା ନଥିଲେ ମଧ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**କନ୍ୟା** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ତୁଳା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ବିଛା** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**ଧନୁ** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ମକର** – ଯେତେ ତ୍ୟାଗ ସ୍ୱିକାର କଲେ ମଧ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**କୁମ୍ଭ** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**ମୀନ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

## ମୃତ୍ୟୁକୁ ନେଇ ଆତଙ୍କ



ଭୟଙ୍କର ଗାଁ ନାମ ଶୁଣିବା କ୍ଷଣି ମନରେ ଅନେକ ପ୍ରଶ୍ନ ଉଙ୍କି ମାରେ। କ'ଣ ପାଇଁ ଗାଁର ଏପରି ବିଚିତ୍ର ନାମ ରହିଛି ? ଏହା ପଛରେ ରହସ୍ୟ କ'ଣ ଜାଣିବାକୁ ମଧ ଜିଜ୍ଞାସା ଯାତ ହୋଇଥାଏ। ପଞ୍ଜାପୁରର ବଡଗାଓଁ ଭୟଙ୍କର ଗ୍ରାମ ଭାବେ ପ୍ରସିଦ୍ଧ। ଏହି ଗ୍ରାମରେ ଆଜିକୁ ୨୨ ବର୍ଷ ତଳେ ଜଣେ ବ୍ୟକ୍ତିର ମୃତ୍ତୁ ଘଟିଥିଲା। ବାଶ୍ ତା' ପରେ ବିଗତ ୨୨ ବର୍ଷର ଠାରୁ ପ୍ରତି ଦଶ ଦିନ ଅନ୍ତରରେ ପ୍ରତ୍ୟେକଙ୍କ ଘରୁ ଜଣେ ଲେଖାଏଁ ସଦସ୍ୟଙ୍କର ମୃତ୍ୟୁ ହେବାରେ ଲାଗିଛି। ଗ୍ରାମବାସୀମାନେ କେବଳ ଚିନ୍ତାରେ ରହିଥାନ୍ତି ଯେ, କାହାର ମୃତ୍ୟୁ ଘଟିଲା ଏବଂ ଏବେ ଆଉ କାହାର ପାଳି ପଡିବ। ଏହାକୁ ଗ୍ରାମବାସୀଙ୍କ ଦୁର୍ଭାଗ୍ୟ କୁହାଯିବ ନା ଅନ୍ଧବିଶ୍ୱାସ ନା ଆଉ କିଛି ? ବରିଷ୍ଠ ବ୍ୟକ୍ତି, ଡାକ୍ତର ଓ ଶିକ୍ଷକ ଏସବୁ ବିଶ୍ୱାସ କରିବାକୁ ବାଧ । କିଛି ରୋଗ ନଥାଇ ଆଖି ସାମନାରେ ଭଲ ଲୋକଙ୍କର ଏଠାରେ ମୃତ୍ୟୁ ହେବାରେ ଲାଗିଛି ।




# ଜାଗ ଓଡ଼ିଆ



**ଭା**ଷାକୁ ଭିତ୍ତି କରି ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ସ୍ୱତନ୍ତ୍ର ରାଜ୍ୟଭାବେ ସ୍ୱୀକୃତି ପାଇଲା ଆମ ରାଜ୍ୟ ଓଡ଼ିଶା । କିଛି ବର୍ଷ ତଳେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଲା । ଏହା ଆମ ଭାଷା ଓ ଜାତି ପାଇଁ ଗୌରବର ବିଷୟ କିନ୍ତୁ ବିଡ଼ମ୍ବନା, ଯେଉଁ ସମୟରେ ଆମେ ଭାଷାକୁ ନେଇ ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ନୂଆ ନୂଆ ପ୍ରସ୍ତାବ ଓ ପ୍ରକଳ୍ପ ଉପସ୍ଥାପନ କରି ସମସ୍ତଙ୍କୁ ଚମତ୍କୃତ କରୁଥାନ୍ତୁ, ସେହି ସମୟରେ ଆମ ଭାଷାର ଅଧୁରଣିଆ ସ୍ଥିତି ନେଇ ଆମେ ସତରେ ବା ମିଛରେ ବ୍ୟତିବ୍ୟସ୍ତ । ଯେଉଁମାନେ ଏଥିପାଇଁ ଚିନ୍ତିତ, ସେମାନେ ସମସ୍ତେ ଶିକ୍ଷିତ ଲୋକ । କହିବା ବାହୁଲ୍ୟ ଯେ ସେଇ ଶିକ୍ଷିତ ଓ ଉଚ୍ଚଶିକ୍ଷିତମାନେ ହିଁ ମାତୃଭାଷା ଓଡ଼ିଆକୁ ହୀନ ଚକ୍ଷୁରେ ଦେଖୁଥିବାରୁ ଆଜିର ସ୍ଥିତି ସୃଷ୍ଟି ହୋଇଛି । କେବଳ ଖବରକାଗଜରେ କିଛି ଲେଖା ଲେଖି ବା ସଭାରେ ବକ୍ତୃତା ଦେଇ ବୁଦ୍ଧିଜୀବୀମାନେ ନିଜର କର୍ତ୍ତବ୍ୟ ଶେଷ ହୋଇଗଲା ବୋଲି ଭାବୁଛନ୍ତି । ଓଡ଼ିଆ ଭାଷାକୁ ଏମାନେ ହିଁ ସଂକଟଗ୍ରସ୍ତ କରିଛନ୍ତି, ସାଧାରଣ ଲୋକେ ତାକୁ ଏପର୍ଯ୍ୟନ୍ତ ବଞ୍ଚାଇ ରଖିଛନ୍ତି । ଯେଉଁମାନେ ଉଚ୍ଚଶିକ୍ଷିତ ନୁହଁନ୍ତି, ସେମାନେ ଆଜି ଓଡ଼ିଆ କହନ୍ତି, ଓଡ଼ିଆ ପଢ଼ନ୍ତି, ଓଡ଼ିଆ ଗୀତ ଗାଆନ୍ତି, ଓଡ଼ିଆ ଚଳଚ୍ଚିତ୍ର ଦେଖନ୍ତି । ଯେଉଁମାନେ ଉଚ୍ଚଶିକ୍ଷିତ, ସେମାନେ ହିନ୍ଦୀ, ଇଂରାଜୀ ପ୍ରେମରେ ଏତେ ମତ୍ତ ଯେ ଓଡ଼ିଆକୁ ନାକ ଟେକନ୍ତି । ତେଣୁ ଓଡ଼ିଆ ଭାଷାକୁ ସତରେ ଯଦି ସୁରକ୍ଷିତ ରଖିବାର ଅଛି ତେବେ ଏମାନଙ୍କୁ ପ୍ରଥମେ ଛଳନା ଓ ପ୍ରବଞ୍ଚନା ଛାଡ଼ିବାକୁ ହେବ । ଯେଉଁମାନେ ସତକୁସତ ଓଡ଼ିଆ ଭାଷାକୁ ଭଲ ପାଉଛନ୍ତି, ସେମାନେ ନିଜେ ଓଡ଼ିଆ କହିବା ସହିତ ଅନ୍ୟକୁ ଓଡ଼ିଆ କହିବା, ଲେଖିବାରେ ପ୍ରେରଣା ଦିଅନ୍ତୁ । ବ୍ୟବସାୟିକ ସଂସ୍ଥାର ନାମଫଳକଠୁ ଆରମ୍ଭ କରି ନିମନ୍ତ୍ରଣ ପତ୍ର ଯାଏଁ ସବୁଠି ଓଡ଼ିଆ ଲେଖାଯାଉ । ଦୁଃଖର କଥା, ଆଜିକାଲି ଯେଉଁଠି ବି ଓଡ଼ିଆ ଦେଖିବାକୁ ମିଳୁଛି ଅଧିକାଂଶ ଅଶୁଦ୍ଧ ଓ ବିକୃତ ଓଡ଼ିଆ । ସେସବୁକୁ ତୁରନ୍ତ ଶୁଦ୍ଧ ଓଡ଼ିଆରେ ଲେଖିବାର ବନ୍ଦୋବସ୍ତ କରାଯାଉ। ଯେଉଁମାନେ ବିଜ୍ଞ, ସେମାନେ ଅଜ୍ଞମାନଙ୍କୁ ଦିଗ୍‌ଦର୍ଶନ ଦିଅନ୍ତୁ। ସବୁ ଗଣମାଧ୍ୟମ ମଧ୍ୟ ଭାଷାକୁ ଅଧିକ ଗୁରୁତ୍ୱ ଦିଅନ୍ତୁ ଓ ଖେଚୁଡ଼ି ଭାଷାରୁ ଦୂରେଇ ରହନ୍ତୁ। ପ୍ରଥମଥର ପାଇଁ ଭାଷାକୁ ନେଇ ଗଠିତ ହୋଇଥିବା ରାଜ୍ୟରେ ସେଇ ଭାଷାକୁ ହିଁ ଏତେ ଅବହେଳା ଦେଖି ଆଶ୍ଚର୍ଯ୍ୟ ଓ ଦୁଃଖିତ ହେବାକୁ ପଡୁଛି। ସରକାରୀ କ୍ଷେତ୍ରରେ ଓଡ଼ିଆ କାହିଁକି ପ୍ରଚଳନ ହେଉନାହିଁ ବୋଲି କୋଉକାଳୁ ହୁରି ପଡ଼ିଛି କିନ୍ତୁ ସାଧାରଣ କ୍ଷେତ୍ରରେ ଓଡ଼ିଆର ବହୁଳ ବ୍ୟବହାର ହେଲେ ଏବଂ ସଚେତନ ନାଗରିକ ସମାଜ ପକ୍ଷରୁ ଚାପ ପଡ଼ିଲେ ସରକାର ଆପେ ସୁଧୁରିବେ। ଏ ପର୍ଯ୍ୟନ୍ତ କେବଳ ବ୍ୟକ୍ତିଗତ ସ୍ତରରେ ସ୍ୱର ଉତ୍ତୋଳନ ହୋଇ ଆସିଛି, ଏଥର ସାମୂହିକ ଚାପ ପକାଇବା ଆରମ୍ଭ ହେଉ। କେବଳ ଭାଷା କ୍ଷେତ୍ରରେ ନୁହେଁ, ଆମେ କଳା, ସାହିତ୍ୟ, ସଂସ୍କୃତି, ବିଜ୍ଞାନ ଆଦି ପ୍ରତ୍ୟେକ କ୍ଷେତ୍ରରେ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିଛୁ, ଛିନ୍ନମୂଳ ହେବାକୁ ବସିଛୁ। ଆମର ଅତୀତ ଯେତିକି ସଂଗ୍ରାମମୟ ଥିଲା, ହୁଏତ ଆଜି ତାହା ନାହିଁ ଅଥଚ ଆମେ ଆଗ ଅପେକ୍ଷା ଅଧିକ ନିଷ୍ପ୍ରଭ ମନେହେଉଛୁ। ଆମ ଭିତରେ ପୂର୍ବଭଳି ସେହି ସ୍ୱାଭିମାନ ନାହିଁ, ଯାହା ଆମକୁ ଜାତୀୟ ଜୀବନକୁ ପ୍ରଭାବିତ କଲା ଭଳି ଶକ୍ତି ପ୍ରଦାନ କରିବ। ସରକାର କହୁଛନ୍ତି ଆମ ରାଜ୍ୟରେ ଦାରିଦ୍ର୍ୟ କମିଛି, କିନ୍ତୁ ମନର ଦାରିଦ୍ର୍ୟ ସେତେଯେମିତି ବଢ଼ିଚାଲିଛି। ଲୋକଜୀବନକୁ ଯଥାର୍ଥ ବାଟରେ ନେବା ପାଇଁ ଯେଉଁମାନେ ଦିଗବାରେଣି ହୁଅନ୍ତେ, ସେହି ପାଠପଢୁଆ, ଶିକ୍ଷିତ ଗୋଷ୍ଠୀଟି ଏତେ ସ୍ୱାର୍ଥପର ଓ ପ୍ରବର୍ତ୍ତକ ହୋଇଯାଇଛନ୍ତି ଯେ ଆପଣା ଚିନ୍ତା ଛଡ଼ା ମୁହୂର୍ତ୍ତେ ବି ଅନ୍ୟ ଶୋଷିତ, ବଞ୍ଚିତଙ୍କ ପାଇଁ ଭାବିବାକୁ କୁଣ୍ଠିତ। ଆମ ଭିତରୁ ଅଧିକାଂଶ ଏବେ କୌଣସି ସ୍ୱାଧୀନ ଓ ସ୍ୱତନ୍ତ୍ର ଚିନ୍ତା କରିବାରେ ଅକ୍ଷମ। ସରକାରୀ ନୀତି ଏଥିପାଇଁ ଦାୟୀ ହୋଇଥିଲେ ହେଁ ଆମେ ନିଜେ ମଧ୍ୟ କ'ଣ କମ ଦାୟୀ? ସରକାର ବା ପ୍ରଶାସନ ଉପରେ ଅତ୍ୟଧିକ ନିର୍ଭରଶୀଳତା ଆମର ସ୍ୱାଭିମାନକୁ ନଷ୍ଟ କରିସାରିଛି। ଏଥିରୁ ଉଧୁରିବାକୁ ହେଲେ ଆମକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ପ୍ରକୃତ ଶିକ୍ଷା ଆମକୁ ଏ ଦିଗରେ ସାହାଯ୍ୟ କରିବ। କେବଳ ଅତୀତକୁ ଝୁରିହେଲେ କିଛି ହେବନାହିଁ ବର୍ତ୍ତମାନକୁ ସୁଦୃଢ଼ କରିବା ପାଇଁ ଉଦ୍‌ଯୋଗ କରିବାକୁ ହେବ। ରାଜନୀତିକୁ ପଛରେ ପକାନ୍ତୁ ସବୁଠାରୁ ବଡ଼ ହେଉଛି ଆମ ରାଜ୍ୟର ସଂକଳ୍ପବଦ୍ଧ ଭାଷା ପ୍ରୀତି ଓ ଭଲପାଇବା। ଏହାକୁ ଆମେ ସମସ୍ତେ ଏକ ଆହ୍ୱାନ ଭାବେ ଗ୍ରହଣ କରିବା କଥା। ଏହା ହିଁ ଆମର ଓ ଆମ ଜାତିର ଏକ ସୁନ୍ଦର ଭବିଷ୍ୟତ ନିର୍ମାଣ କରିବ। ଓଡ଼ିଶା ଦିବସରେ ଆମେ ଏସବୁ ପ୍ରତି ଜାଗ୍ରତ ରହିବାକୁ ସଂକଳ୍ପ କରିବା।

## ଚିତ୍ରଶିଳ୍ପୀ ହିମାଂଶୁ ଦାସଙ୍କୁ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟରେ ଚିତ୍ରକଳା କ୍ଷେତ୍ରରେ ଜଣେ ପ୍ରତିଭାବାନ ଯୁବ ଚିତ୍ରଶିଳ୍ପୀ ଭାବେ ହିମାଂଶୁ କୁମାର ଦାସଙ୍କୁ କଟକର ଶ୍ରୀ ଚନ୍ଦନ ସାହିତ୍ୟ ସଂସ୍କୃତି ଏକାଡେମୀ, ରାଉରକେଲାର ଅଗ୍ନିସ୍ଫୁଲିଙ୍ଗ ଏବଂ କଟକର ଓଡିଶା ପୂଜ୍ୟପୂଜା ପରିଷଦର ମିଳିତ ଆନୁକୂଲ୍ୟରେ କଟକ ଗୌରୀଶଙ୍କରସ୍ଥିତ କର୍ମବୀର ଟାଉନ ହଲ୍ ପରିସରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କଳାକାର ସମାବେଶ ତଥା ସାରସ୍ୱତ ସମ୍ବର୍ଦ୍ଧନା ମହୋତ୍ସବରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଉତ୍ସବକୁ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ଡଃ. ପ୍ରସନ୍ନ ପାଟ୍ଟଶାଣୀ, ମୁଖ୍ୟବକ୍ତା ଭାବେ ଡଃ. ହୁସେନ ରବି ଗାନ୍ଧି ଓ ସମ୍ମାନୀତ ଅତିଥି ଭାବେ ଗୋପିନାଥ ପଟ୍ଟନାୟକ, ନୀଳଗିରିର ରାଜା ସାହେବ ହରିଚନ୍ଦନ, ନୀଳଗିରିର ରାଣୀ ମନୋଜା ମଞ୍ଜରୀ ଦେବୀ, ଅଧ୍ୟକ୍ଷ ଆର୍ଯ୍ୟକବି ପଣ୍ଡିତ ଡଃ. ପ୍ରମୋଦ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ଲବ୍ଧପ୍ରତିଷ୍ଠିତ ଚିତ୍ରଶିଳ୍ପୀ ହିମାଂଶୁ କୁମାର ଦାସଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଏବଂ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ଗାୟକ ସ୍ୱରସୁଧାଙ୍କ ସ୍ମୃତିଚାରଣ ସଭା

ଖୋର୍ଦ୍ଧା (ପିଏନ)- ସ୍ୱନାମଧନ୍ୟ ଆକାଶବାଣୀ ଓ ଦୂରଦର୍ଶନ କେନ୍ଦ୍ରରେ ବି ଗ୍ରେଡ ମାନ୍ୟତା ପ୍ରାପ୍ତ ଧୁଡୁକି ,ଏକତାରା ବାଦକ ଓ ଗାୟକ ସ୍ୱରସୁଧା ସ୍ୱର୍ଗତଃ ରମେଶ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାଦଶାହ ପାଳନ ଅବସରରେ ବେଗୁନିଆ ବ୍ଲକ ଅନ୍ତର୍ଗତ କଂଟାବାଡ ଗ୍ରାମସ୍ଥିତ ନିଜ ବାସଭବନ ପରିସରରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏ ନେଇ ଶିକ୍ଷକ ଅଖିଳେଶ ମହାପାତ୍ର ସଂଯୋଜନା ଓ ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବୋଲଗଡ ପରମାନନ୍ଦ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ମୁଖ୍ୟ ଅତିଥି,ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନଳିନୀକା' ପଣ୍ଡା ମୁଖ୍ୟବକ୍ତା ଓ ଗାୟକ ମିହିର ଆଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଳାକାର ତାର କୀର୍ତି ଓ କୃତି ପାଇଁ ସର୍ବଦା ଅମର ରହିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସଭାର ପ୍ରାରମ୍ଭରେ ଦିବଂଗତଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ଅମର ଆତ୍ମାର ସଗଗତି ନିମିତ



ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷକ ସନ୍ତୋଷ ମହାପାତ୍ରଙ୍କ ବେଦପାଠ ଓ ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳୀ ସଙ୍ଗୀତ ପରିବେଷଣ ପରେ "ଅନନ୍ୟ ପ୍ରତିଭା" ନାମକ ଏକ ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ଦିବଂଗତଙ୍କ ସ୍ମୃତିରେ ପ୍ରଫେସର ଶ୍ରୀ ପାଣିଗ୍ରାହୀଙ୍କ ରଚନା ଓ ସ୍ୱର ସଂଯୋଜନାରେ ଧୁଡୁକି ବାଦକ ସଞ୍ଜୟ କୁମାର ମହାନ୍ତି ଓ ତାଙ୍କ ସାଥି ସୁକାନ୍ତ କୁମାର ଭକ୍ତି ସଙ୍ଗୀତ ଗାନ କରିଥିଲେ । ଏଥିରେ ଡଃ ଶରତ କୁମାର ଚଉଁରୀ, ସନ୍ତୋଷ ଦାସ, ରବି ଦାଶ, ଯଜ୍ଞେଶ୍ୱର ମଙ୍ଗରାଜ, ପଣ୍ଡିତ ରଂଜନ କୁମାର ଦାଶ, ବିନୋଦ ବିହାରୀ ରାଉତରାୟ, ଗଙ୍ଗାଧର ଓଝା, ସୁଧାକର ସେଠୀ, ସନ୍ଧ୍ୟାରାଣୀ ରାଣୀ ମହାପାତ୍ର, ସୁଦୀକ୍ଷା ମହାପାତ୍ର ଓ ସବିତା ଶୁକ୍ଲା ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ। ଶେଷରେ କଣ୍ଠଶିଳ୍ପୀ ସଂଜୟ କୁମାର ପାଣିଗ୍ରାହୀ ଅନ୍ତିମ ସଙ୍ଗୀତ ଗାନ କରିଥିବା ବେଳେ କନିଷ୍ଠ ଭ୍ରାତା ସୁରେଶ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅନ୍ଧାରୁଆରେ ବିଶ୍ୱଶାନ୍ତି ଯଜ୍ଞ

ଭୁବନେଶ୍ୱର (ପିଏନ୍): ଚଳିତ ଫାଲଗୁନ ମାସ ଶୁକ୍ଳପକ୍ଷ ଦଶମୀ, ଇଂରାଜୀ ତା୧୩.୦୩. ୨୦୨୨ରିଖ ରବିବାର ଦିନ ଅନ୍ଧାରୁଆ ଗ୍ରାମସ୍ଥିତ ପ୍ରବୁଦ୍ଧ ବିହାର (ପାଦପଦ୍ମ ମୁଣ୍ଡିଆ)ଠାରେ ବ୍ରହ୍ମ ଅବଧୂତ ଜୟକୃଷ୍ଣ ବାବାଙ୍କ ନିର୍ଦ୍ଦେଶ ଅନୁସାରେ ଏବଂ ବ୍ରହ୍ମ ଅବଧୂତ ବ୍ରଜବନ୍ଧୁ ବାବାଙ୍କ ଅଧକ୍ଷତାରେ ବାର୍ଷିକ ମହୋତ୍ସବ ପାଳିତ ହୋଇଯାଇଅଛି। ଉକ୍ତ ମହତ କାର୍ଯ୍ୟାନୁଷ୍ଠାନରେ ମହିମା ଧର୍ମ ସମାଜର ପର ସନ୍ନ୍ୟାସୀ ଓ ଅପର ସନ୍ନ୍ୟାସୀ ସାଧୁବୃନ୍ଦ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ। ଉକ୍ତ ଶୁଭ କାର୍ଯ୍ୟ ଅବସରରେ ଅଖଣ୍ଡ ଘୃତାବତୀ ପ୍ରଜ୍ୱଳନ, ବ୍ରହ୍ମ ଧୂନୀ ସ୍ଥାପନ, ମହିମା ବାଲ୍ୟଲୀଳା, ପ୍ରଭୁ ନାମ ଭଜନ ଗାୟନ, ଧର୍ମସଭା ଓ ବିଶ୍ୱ ଜଗତର ମଙ୍ଗଳ ନିମନ୍ତେ ଅଲେଖ ମହାପ୍ରଭୁଙ୍କଠାରେ ସମବେତୀ ପ୍ରାର୍ଥନାଦି କାର୍ଯ୍ୟକ୍ରମ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଅନ୍ଧାରୁଆ ଗ୍ରାମବାସୀ ଓ ମହିମା ଧର୍ମର ଭକ୍ତବୃନ୍ଦମାନେ ସୁଚାରୁରୂପେ ପରିଚାଳନା କରିଥିଲେ ବୋଲି ଭକ୍ତ ନାରାୟଣ ଖୁଣ୍ଟିଆ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଥିଲେ।

### ହୃଦ୍‌ଘାତରେ ଧର୍ମପରାୟଣ ବ୍ୟକ୍ତିଙ୍କ ମୃତ୍ୟୁ

ଖୋର୍ଦ୍ଧା (ପିଏନ)- ବେଗୁନିଆ ବ୍ଲକ ବାଘମାରୀ ପଂଚାୟତ ଅନ୍ତର୍ଗତ ଶରଧାପୁର ଗ୍ରାମର ଅସରଫ ଖାନ ୬୨ ବର୍ଷ ବୟସରେ ହୃଦଘାତରେ ନିଜ ବାସଗୃହରେ ମୃତ୍ୟୁବରଣ କରିଛନ୍ତି। ସେ ଜଣେ ସରଳ, ନିଷ୍କପଟ, ଧୀର, ଶାନ୍ତ ଓ ଧର୍ମପରାୟଣ ବ୍ୟକ୍ତି ଭାବରେ ଜଣାଶୁଣା ଥିଲେ। ତାଙ୍କ ମରଶରୀରକୁ ଧାର୍ମିକ ରୀତିନୀତି ଅନୁଯାଇ ଗ୍ରାମ୍ୟ କବର ସ୍ଥାନରେ କବର ଦିଆଯାଇଥିଲା । ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି।

# ଚେନ୍ନାଇରେ ଚାଇନା ଲବି

**ଭା**ରତର ମୋଟ ଜିଡିପି ଯେତେ ଆପଲ କମ୍ପାନୀର ବାଣିଜ୍ୟ ସେତେ ବୋଲି ଖବର ପ୍ରକାଶ ପାଇଛି । ତିନି ଟ୍ରିଲିଅନ ଡଲାର ବାର୍ଷିକ ବାଣିଜ୍ୟକରି ଆପଲ କମ୍ପାନୀ ମାଇଲଖୁଣ୍ଟ ସ୍ଥାପନା କରିଛି । ଅଥଚ ଚୀନ ପରେ ଭାରତରେ ଉତ୍ପାଦନ କେନ୍ଦ୍ର ଖୋଲିଥିବା ଏହି କମ୍ପାନୀ ଏବେ ନିଜର ଚେନ୍ନାଇସ୍ଥିତ କାରଖାନାକୁ ବନ୍ଦ କରିଛି । ଆଇଫୋନ୍ ଉତ୍ପାଦନ ହେଉଥିବା ଏହି କମ୍ପାନୀ ଏବେ ଚୀନର ଷଡଯନ୍ତ୍ର ଓ ଭାରତରେ ଥିବା ଚୀନା ସମର୍ଥକଙ୍କ ଷଣ୍ଢଆସୀ ଆକ୍ରମଣର ଶିକାର ହୋଇ କମ୍ପାନୀର ଉତ୍ପାଦନ ବନ୍ଦ ରଖିବାକୁ ବାଧ୍ୟ ହୋଇଛି । ଏଠାରେ କାର୍ଯ୍ୟରତ ସତର ହଜାର ଶ୍ରମିକଙ୍କ ଆନ୍ଦୋଳନ ଯୋଗୁ କମ୍ପାନୀ ସଙ୍କଟର ସମ୍ମୁଖୀନ ହୋଇ କ୍ଷତି ସହିବାରେ ଲାଗିଛି ।

"ବଞ୍ଚିବା ପାଇଁ ଗୋଟିଏ ବାଟ ଲଢେଇ ଆଉ ଧର୍ମଘଟ"- ଏହି ସ୍ଲୋଗାନକୁ ପାଥେୟ କରି କାର୍ଯ୍ୟରତ ବାମପନ୍ଥୀ ଶ୍ରମିକଗୋଷ୍ଠୀ କିପରି ଅତୀତରେ ପଶ୍ଚିମବଙ୍ଗର କମ୍ପାନୀଗୁଡିକରେ ତାଲା ପକାଇ ସବୁଦିନ ପାଇଁ ସଂସ୍ଥାଗୁଡିକୁ ବନ୍ଦ କରିଦେବାକୁ ସକ୍ଷମ ହୋଇଥିଲେ ତାହା ସମସ୍ତଙ୍କୁ ଜଣାଅଛି । ଏବେ ସେହି ଗୋଷ୍ଠୀ ଚୀନ ପାଇଁ ବ୍ୟାଟିଂ କରିବାକୁ ବାହାରି ଚେନ୍ନାଇର ଆପଲ କମ୍ପାନୀକୁ ବନ୍ଦ କରିଦେବାକୁ ଅଣ୍ଟାଭିଡି ବାହାରିଛନ୍ତି । ଦେଖିବାକୁ ଗଲେ କେରଳ ପରି ତାମିଲନାଡୁରେ କେନ୍ଦ୍ର ସରକାର ଓ ମୋଦିଙ୍କ ବିରୋଧରେ ଅନେକ ଗୋଷ୍ଠୀ ବେଶ୍ ସକ୍ରୀୟ ରହିଛନ୍ତି । ସେମାନେ ଏବେ ହିନ୍ଦୀ-ହିନ୍ଦୁ-ହିନ୍ଦୁସ୍ଥାନର ବିରୋଧରେ କାର୍ଯ୍ୟ କରିବାକୁ ମେଣ୍ଟ ଗଢିଛନ୍ତି । ଏହି ଗୋଷ୍ଠୀରେ କେନ୍ଦ୍ର ବିରୋଧୀ ଡିଏମ୍‌କେ, କଂଗ୍ରେସ, ସାମ୍ୟବାଦୀ, ମୁସଲିମ ଏବଂ ଖ୍ରୀଷ୍ଟିଆନଙ୍କ ସଂଗଠନ ସହ ସେମାନଙ୍କ ସହଯୋଗୀ, ଗଣମାଧ୍ୟମ ଆଦି ରହିଛନ୍ତି । ପ୍ରଚାର କ୍ଷେତ୍ରରେ ଚୀନର ପେ-ଲିଷ୍ଟରେ ଆଗରେ ରହିଛି "ଦି ହିନ୍ଦୁ" ଖବରକାଗଜ, ଯାହା ପ୍ରତି ଦୁଇଦିନରେ ଥରେ ଜିନପିଙ୍ଗଙ୍କ ସଂକୀର୍ତ୍ତନ କରିବାକୁ ଭୁଲ କରେନାହିଁ । ଯେଉଁଥି ପାଇଁ ଚୀନ କମ୍ୟୁନିଷ୍ଟ ପାର୍ଟିର ୧୦୦ବର୍ଷ ପୂର୍ତ୍ତି ଅବସରରେ ଏହି ଖବରକାଗଜର ମୁଖ ପୃଷ୍ଠା ଭରି ବିଜ୍ଞାପନ ମିଳିଥିଲା ଚୀନ ସରକାରଙ୍କ ଠାରୁ । ଚୀନା ନିବେଶ, ପ୍ରକଳ୍ପ ଏବଂ ଶିଳ୍ପର ସୁରକ୍ଷା ପାଇଁ ଏହି ଖବରକାଗଜର ପ୍ରକାଶନ ସମୂହ ଆଜିଯାଏ ଚୀନ ସରକାରଙ୍କ ସ୍ୱାର୍ଥରେ ନିଷ୍ଠାପର ଭାବେ କାର୍ଯ୍ୟକରି ଆସିଛି ଏବଂ ସେଥିପାଇଁ ଚୀନ ସରକାରଠାରୁ ମଧ୍ୟ ଆର୍ଥିକ ପୁରସ୍କାର ଲାଭ କରିଆସୁଛି । କେନ୍ଦ୍ର ସରକାରଙ୍କ ବିବିଧ ଯୋଜନାକୁ କିପରି ବିଫଳ କରିହେବ ସେଥିପାଇଁ ଏହି କାଗଜ ସମାଲୋଚନାର କୀଳା ସଜାଡି ଥାଏ । ପିଏଲ୍‌ଆଇ ସ୍କିମରେ ଯେଉଁ ତାଇୱାନ କମ୍ପାନୀ ଭାରତରେ ଉତ୍ପାଦନ କରିବାକୁ ଚୀନଛାଡି ଭାରତ ଆସିଲେ ସେମାନଙ୍କ ବିରୋଧରେ ଯୋଜନାବଦ୍ଧ ଭାବେ ଏହି ଖବରକାଗଜରେ ସମ୍ବାଦମାନ ପ୍ରକାଶ କରାଗଲା । ସେମାନେ ଶ୍ରମ ବିରୋଧୀ କାର୍ଯ୍ୟ କରୁଛନ୍ତି ବୋଲି କହି ବାମପନ୍ଥୀ ଶ୍ରମିକ ସଂଗଠନ ମାଧ୍ୟମରେ ଆନ୍ଦୋଳନ ଆରମ୍ଭ କରାଗଲା । ତାଇୱାନ କମ୍ପାନୀକୁ କିପରି ଭାରତରେ କାର୍ଯ୍ୟ କରିବାକୁ ଦିଆଯିବ ନାହିଁ, ଚୀନ ସରକାରଙ୍କ ସ୍ୱାର୍ଥରେ ସେମାନଙ୍କର କାରଖାନାକୁ କିପରି ନଷ୍ଟ କରାଯିବା, ସେଥିପାଇଁ ଷଡଯନ୍ତ୍ର ହେଲା । ସାଧାରଣ ବିଷୟକୁ ଅସାଧାରଣକରି ପ୍ରଚାର କରାଯିବା ସହ ସରକାରୀ ଚାପ ପ୍ରୟୋଗ କରିବାକୁ କ୍ଷେତ୍ର ପ୍ରସ୍ତୁତ କରାଗଲା । ବିଗତ ଦିନମାନଙ୍କରେ ଏହି ଗୋଷ୍ଠୀଗୁଡିକର ଷଡଯନ୍ତ୍ର ଯୋଗୁ ଅନେକ କାରଖାନାରେ ତାଲା ଝୁଲିଛି । ତେଣୁ କେନ୍ଦ୍ର ସରକାର ଗୋଟିଏ ପଟେ ଆତ୍ମନିର୍ଭର ଭାରତ ଆହ୍ୱାନ ଦେଇ ହଜାର ହଜାର କୋଟିର ପ୍ରୋତ୍ସାହନ ରାଶି ମାଧ୍ୟମରେ ବିଦେଶୀ ଶିଳ୍ପକୁ ଭାରତରେ ଉତ୍ପାଦନ କରିବାକୁ ଆହ୍ୱାନ ଦେଲାବେଳେ ଦ୍ରାବିଡନାଡୁର ଏହି ଗାତ୍ରଦାହୀ ଗୋଷ୍ଠୀ ସବୁ ଯୋଜନାଗୁଡିକୁ ବିଫଳ କରିବାରେ ଲାଗିଛନ୍ତି । ଦେଶ ବିରୋଧୀ କାର୍ଯ୍ୟରେ ସାମିଲଥିବା ଏହିସବୁ ଶକ୍ତି ସମ୍ବିଧାନର ଆଳରେ ଦେଶରେ ଅଶେଷ କ୍ଷତିସାଧନ କରିବାରେ ଲାଗିପଡିଛନ୍ତି । ନିକଟରେ ତାମିଲନାଡୁର ଚେନ୍ନାଇ ନିକଟସ୍ଥ ପେରୁମ୍ବୁଦୁରଠାରେ ଥିବା ଫୋକ୍ସକନ୍ କମ୍ପାନୀରେ ଶ୍ରମିକ ଅଶାନ୍ତି ପଛରେ ଚୀନର ହାତଥିବା ସଂକ୍ରାନ୍ତରେ ଇଂରାଜୀ ଦି ୱିକ ପକ୍ଷରୁ ପ୍ରକାଶ ପାଇଛି । ଆପଲ ପାଇଁ ମୋବାଇଲ ନିର୍ମାଣକାରୀ ଏହି କମ୍ପାନୀରେ ସଂଗଠିତ ୧୭୦୦୦ କର୍ମଚାରୀଙ୍କ ଆନ୍ଦୋଳନ ପଛରେ ଯେଉଁ ଶ୍ରମିକ ସଂଗଠନଗୁଡିକ କାର୍ଯ୍ୟ କରୁଥିଲେ ସେମାନଙ୍କ ସହ ଚୀନର ଏଜେଣ୍ଟମାନଙ୍କ ହାତଥିବା ନେଇ ଗୋଇନ୍ଦା ଖବର ପ୍ରକାଶ ପାଇଛି । କ୍ୟାଣ୍ଟିନରେ ଖାଦ୍ୟର ଗୁଣବତ୍ତାକୁ କେନ୍ଦ୍ର କରି ହୋଇଥିବା ଅଭିଯୋଗ ଓ କମ୍ପାନୀର ଉତ୍ପାଦନ ବନ୍ଦ କରାଯିବାକୁ ଶ୍ରମିକ ସଂଗଠନ ଓ ରାଜନେତାଙ୍କ ଚାପ ତଥା ମିଡିଆର ପ୍ରଚାର ପଛରେ ଚୀନର ଯୋଜନା ରହିଛି । କାରଣ ଆମେରିକା-ଚୀନ ଲଢେଇରେ ଭାରତ ଉତ୍ପାଦନର ବିକଳ୍ପ କେନ୍ଦ୍ରଭାବେ ମୁଣ୍ଡ ଟେକୁଥିବା ଯୋଗୁ ଚୀନର ଗାତ୍ରଦାହ ବଢିଛି । ଭାରତରେ କାର୍ଯ୍ୟରତ ତାଇୱାନର କମ୍ପାନୀ-ଗୁଡିକ ହେଲେ କର୍ଣ୍ଣାଟକର ନରସାପୁରାସ୍ଥିତ ୱିଷ୍ଟ୍ରନ୍ ଇନ୍‌ଫୋକମ୍, ଚେନ୍ନାଇ ନିକଟସ୍ଥ ମହିନ୍ଦ୍ରା ସିଟୀରେ ଥିବା ପେଗାଟ୍ରନ ଟେକ୍‌ନୋଲୋଜି ପ୍ରା ଲିମିଟେଡ୍ । କିଛିମାସ ତଳେ ସମାନ ଢଙ୍ଗରେ ୱିଷ୍ଟ୍ରନ୍‌ର ଉତ୍ପାଦନକୁ ବନ୍ଦ କରି ଦିଆଯାଇଥିଲା । ସେଠାରେ କମ୍ପାନୀ ଭଙ୍ଗାରୁଜା ପାଇଁ ଏସ୍‌ଏଫ୍‌ଆଇର ଜଣେ ଛାତ୍ରନେତାଙ୍କୁ ଗିରଫ କରାଯାଇ ଥିଲା ଯିଏକି ସିପିଏମ୍‌ର ଛାତ୍ର ଶାଖାର ସଦସ୍ୟ । ଅତୀତରେ ସନମିନା, ଫୋର୍ଡ, ପିପିଜି ଏସିଆନ ପେଣ୍ଟସ, ଏନ୍‌ଫିଲ୍ଡ ଇଣ୍ଡିଆ ଲିମିଟେଡ୍ ପରି ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକରେ ଆନ୍ଦୋଳନ ହୋଇ ତାଲା ପଡିଥିଲା । କମ୍ପାନୀ ପରିସର ଭିତରେ ଶ୍ରମିକ ସଂଗଠନର କାର୍ଯ୍ୟକୁ ଅନୁମତି ମିଳିନଥିଲା । ଶ୍ରମିକ ସଂଗଠନ ସହ ସଂପୃକ୍ତ ଥିବା ଶ୍ରମିକମାନଙ୍କର ଚାକିରୀ ସୁରକ୍ଷା ନଥିଲା । ସେମାନେ ଠିକାରେ କାମ କରୁଥିଲେ । ତେଣୁ ପେସାଦାର ଶ୍ରମିକ ନେତାମାନେ ରାଜନେତା ଏବଂ ଗଣମାଧ୍ୟମକୁ ହାତ କରି କମ୍ପାନୀ ଭିତରେ ଶ୍ରମିକଙ୍କ ପାଇଁ ସୁବିଧା ନଥିବା ଅଭିଯୋଗ ଆଣିଥିଲେ । ଅଭିଯୋଗ ଆଧାରରେ ନିଉ ଡେମୋକ୍ରାଟିକ ଲେବର ଫ୍ରଣ୍ଟ, ପିପୁଲ୍‌ସ ଡେମୋକ୍ରାଟିକ୍ ୟୁଥ ଆସୋସିଏସନ୍, ପିପୁଲସ ରାଇଟସ୍ ପ୍ରୋଟେକସନ ସେଣ୍ଟର, ଷ୍ଟୁଡେଣ୍ଟସ୍ ଫର ରାଇଜିଙ୍ଗ୍ ମୁଭମେଣ୍ଟ ଆଦି ସଂଗଠନର ନେତୃତ୍ୱରେ ଆନ୍ଦୋଳନ ହେଲା । ଫଳରେ କମ୍ପାନୀ କାମବନ୍ଦ କରିବାକୁ ନିଷ୍ପତ୍ତି ନେଲା ।

କାରଣ ରାଜ୍ୟ ସରକାରଙ୍କ ଯେଉଁ ପ୍ରତିନିଧିମାନେ କମ୍ପାନୀର ପରିଦର୍ଶନରେ ଗଲେ ସେମାନେ ଶ୍ରମିକ ସଂଗଠନଙ୍କ ଭାଷାରେ ହିଁ ମତ ଦେଲେ । ପ୍ରତି ଶ୍ରମିକକୁ ଅତି କମ୍‌ରେ ୫୦ ବର୍ଗ ଫିଟ ସ୍ଥାନ ହଷ୍ଟେଲରେ ଦେବାକୁ, ବିଦ୍ୟୁତ କାଟ ବେଳେ ଇନ୍‌ଭର୍ଟର ଯୋଗାଇ ଦେବାକୁ ଦାବି ହେଲା । ଫକ୍ସକନ୍ କମ୍ପାନୀ ଶ୍ରମିକଙ୍କ ପାଇଁ ପ୍ରଥମେ ସବୁ ସୁବିଧାର ବ୍ୟବସ୍ଥା କରିବାକୁ ରାଜ୍ୟର ଶ୍ରମମନ୍ତ୍ରୀ ସିଭି ଗଣେଶନ କହିଛନ୍ତି ।

ତାମିଲନାଡୁର ଶ୍ରୀ ପେରୁମ୍ବୁଦୁର ଅଞ୍ଚଳରେ ସିପିଏମ୍‌ର ଶ୍ରମିକ ସଂଗଠନ ସିଟୁର ପ୍ରଭାବ ରହିଛି । ଅତୀତରେ ୨୦୧୪ରେ ନୋକିଆର ହ୍ୟାଣ୍ଡସେଟ୍ ଫକ୍ସକନ୍ ନିର୍ମାଣ କରୁଥିଲା । ନୋକିଆ ହ୍ୟାଣ୍ଡସେଟକୁ ମାଇକ୍ରୋସଫ୍ଟ କମ୍ପାନୀ ସେତେବେଳେ ୭ ବିଲିଅନ ଡଲାର ଦେଇ କିଣିଥିଲା । ଟିକସ ଦେଣନେଣକୁ କେନ୍ଦ୍ର କରି ବିବାଦ ସୃଷ୍ଟି ଯୋଗୁ ସେହି କମ୍ପାନୀ ବନ୍ଦ ହୋଇଥିଲା । ପୂର୍ବରୁ ତାମିଲନାଡୁର ଫୋର୍ଡ କାର କମ୍ପାନୀ ତାର କାରଖାନାକୁ ବନ୍ଦ କରିବାକୁ ବାଧ୍ୟ ହେବାପରେ ଭାରତ ଛାଡି ଚାଲିଗଲା ସେହି କମ୍ପାନୀକୁ ଅଧିଗ୍ରହଣ କରିବାକୁ ଟାଟା କମ୍ପାନୀ ଚେଷ୍ଟା ଚଳାଇଛି । ଦେଖିବାକୁ ଗଲେ ଆପଲ କମ୍ପାନୀର ଉତ୍ପାଦନ ଚୀନ, ବ୍ରାଜିଲ ଏବଂ ଭାରତରେ ରହିଛି । ଯଦି ଏପରି ଅଯଥା ଶ୍ରମିକ ଅଶାନ୍ତି ଲାଗିରହେ ତେବେ ଚେନ୍ନାଇ କୋଲକାତାର ସ୍ଥାନ ନେବାକୁ ଅଧିକ ସମୟ ନେବ ନାହିଁ ।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ଚେନ୍ନାଇସ୍ଥିତ ଫକ୍ସକନ୍ କମ୍ପାନୀର ଖାଦ୍ୟ ସ୍ଥାନୀୟ କଣ୍ଟ୍ରାକ୍ଟର ଯୋଗାଇଥାଏ । ଖାଦ୍ୟପ୍ରସ୍ତୁତିର ମାନକୁ କେନ୍ଦ୍ର କରି ଉଠିଥିବା ପ୍ରଶ୍ନ ସହ କମ୍ପାନୀର ସିଧା ସଂପୃକ୍ତି ନାହିଁ । ତଥାପି ସ୍ଥାନୀୟ କଣ୍ଟ୍ରାକ୍ଟର ଖାଦ୍ୟର ଗୁଣବତ୍ତା ବଜାୟ ରଖିବାକୁ କୁହାଯାଇଛି । କମ୍ପାନୀର ହଷ୍ଟେଲରେ ପରଷା ଯାଇଥିବା ଖାଦ୍ୟଖାଇ ଶ୍ରମିକ ଅସୁସ୍ଥ ହୋଇପଡିଥିଲେ । ଡିସେମ୍ବର ୧୫ରେ ପ୍ରଥମେ ଏହା ବିରୋଧରେ ଛୋଟ ଆନ୍ଦୋଳନ ଆରମ୍ଭ ହୋଇ ୧୯ ଡିସେମ୍ବରକୁ ଚେନ୍ନାଇ-ବାଙ୍ଗାଲୋର ସଡକ ପଥକୁ ବନ୍ଦ କରାଯାଇଥିଲା । ଅସୁସ୍ଥ କର୍ମଚାରୀମାନଙ୍କୁ ପୁନାମାଲ୍ଲେ, ନେମାସ, ଥିରୁମାଝିସାଇ, ଆନ୍ନାନଗର, ଅମ୍ବାଟୁର, ଭେଲାପାଞ୍ଚୱାଡି, କିଲପକର ଡାକ୍ତରଖାନାଗୁଡିକରେ ଭର୍ତ୍ତି କରାଯାଇଥିଲା । କାଞ୍ଚିପୁରମ୍ ଜିଲ୍ଲାପାଳ ଏମ୍. ଆରତିଙ୍କ କହିବାନୁସାରେ କମ୍ପାନୀ ପକ୍ଷରୁ ସବୁ ପ୍ରକାର ସୁବିଧା ଯୋଗାଇ ଦେବାକୁ କୁହାଯାଇଛି । କାରଣ କମ୍ପାନୀ ପରିସରରେ ରହୁଥିବା ୭୦୦୦ ମହିଳା ଶ୍ରମିକଙ୍କୁ କଣ୍ଟ୍ରାକ୍ଟର କିମ୍ବା ଏଜେଣ୍ଟମାନେ ଆଣି ରଖାଇଛନ୍ତି । ଡିସେମ୍ବର ୧୮ରେ ମହିଳା ଶ୍ରମିକମାନେ ଅସୁସ୍ଥ ହେବାପରେ କାରଖାନା କର୍ତ୍ତୃପକ୍ଷ ବ୍ୟବସ୍ଥାରେ ସୁଧାର ପାଇଁ ଉତ୍ପାଦନ ବନ୍ଦ ରଖିବା କଥା କହିଛନ୍ତି । ପ୍ରାୟ ୧୧ଜଣ କଣ୍ଟ୍ରାକ୍ଟର ଶ୍ରମିକଙ୍କ ଖାଦ୍ୟ ଯୋଗାଣରେ ଥିବାରୁ କମ୍ପାନୀ ସେମାନଙ୍କଠାରୁ ଉତ୍ତରଦାୟିତ୍ୱ ଆବଶ୍ୟକ କରୁଛି । ଜିଲ୍ଲା ପ୍ରଶାସନର କମ୍ପାନୀ ଏବଂ ସ୍ଥାନୀୟ କଣ୍ଟ୍ରାକ୍ଟରଙ୍କ ମଧ୍ୟରେ ଯୋଗସୂତ୍ର ରହିବା ଆବଶ୍ୟକ । କୌଣସି ସ୍ଥାନୀୟ ଅସନ୍ତୋଷକୁ ଆଧାର କରି ଚୀନର ଲବି ଯେପରି ଡେଇଁ ପଡୁଛନ୍ତି ସବୁକିଛି ବନ୍ଦ କରିବାକୁ, ତାହା ଶିଳ୍ପ ପାଇଁ କ୍ଷତିକାରକ । ରାଜ୍ୟ ଓ କେନ୍ଦ୍ର ସରକାର ଶିଳ୍ପ ବିରୋଧୀ ଏହି ପେସାଦାର ଧର୍ମଘଟକାରୀଙ୍କଠାରୁ ଶିଳ୍ପଗୁଡିକୁ ରକ୍ଷା କରିବା ପାଇଁ ଆବଶ୍ୟକ ନୀତି ପ୍ରଣୟନ କରିବା ଜରୁରୀ ହୋଇ ପଡିଲାଣି ।

# ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଅହେତୁକ ଦରବୃଦ୍ଧି ପ୍ରତିବାଦରେ କଂଗ୍ରେସର ଘଣ୍ଟନାଦ ସହ ବିକ୍ଷୋଭ

ରାଉରକେଲା (ପିଏନ୍): ସମ୍ପ୍ରତି ରାଜ୍ୟର ନିର୍ବାଚନ ସରିବା ପରେ କେନ୍ଦ୍ରର ମୋଦି ସରକାର କିପରି ପ୍ରତ୍ୟେକ ଦିନ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସର ଦରବୃଦ୍ଧି କରିଛଁ ଓ ରନ୍ଧନ ଗ୍ୟାସର ଦର ୧୦୩୦ ଟଙ୍କାରେ ପହଞ୍ଚାଇଛଁ ତାହା ଅତ୍ୟ' ନିନ୍ଦନୀୟ ବୋଲି କଂଗ୍ରେସ ତରଫରୁ କୁହାଯାଇ ଏହି ଦରବୃଦ୍ଧିକୁ ତୁର' ପ୍ରତ୍ୟାହାର କରିବା ପାଇଁ ଦାବି କରାଯାଇଛି । ଭାରତୀୟ ଜାତୀୟ କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀଙ୍କ ଆହ୍ୱାନକ୍ରମେ ଆଜିଠାରୁ ଦେଶବ୍ୟାପି ଆରମ୍ଭ ହୋଇଥିବା ମହଙ୍ଗାଇ ମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମରେ ରାଉରକେଲା ଜିଲ୍ଲା କଂଗ୍ରେସ କମିଟି ସାମିଲ୍ ହୋଇ ଏହି ଦରଦାମ୍ ବୃଦ୍ଧିର ଘଣ୍ଟନାଦ ପ୍ରତିବାଦ ବିକ୍ଷୋଭ ସ୍ଥାନୀୟ ଏସ୍‌ଟିଆ ଛକଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ଶ୍ରୀ ବିରେନ ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରଘୁନାଥପାଲ୍ଲିର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶା' ସେଠୀ, ଜିଲ୍ଲା କଂଗ୍ରେସ ଉପସଭାପତି ଦେବବ୍ରତ ବିହାରୀ ଓ କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପିସିସିର ପୂର୍ବତନ ସମ୍ପାଦକ ଗଣେଶ ପ୍ରଧାନ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାରସିଂ, ଇନ୍‌ଟକ ସଭାପତି ନିହାର ଦାସ, ଓବିସି ଅଧକ୍ଷ ବୈଲୋଚନ ସାହୁ, କୃଷକ କଂଗ୍ରେସ ଅଧକ୍ଷ ମନମୋହନ ଓରାମ, କଂଗ୍ରେସ ମୁଖପାତ୍ର ଗିରିଜା ଶଙ୍କର ମିଶ୍ର ଓ କୈଳାସ ସାହୁ, ବ୍ଲକ୍ କଂଗ୍ରେସ ସଭାପତି ବିଜୟ ଆପଟ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ସାଧାରଣ ସମ୍ପାଦକ ସରୋଜ ଲେଙ୍କା ପ୍ରମୁଖ ଏହି ବିକ୍ଷୋଭରେ ଅଂଶଗ୍ରହଣ କରି ମୋଦି ସରକାରର ଜନ ବିରୋଧି ନୀତିର ତୀବ୍ର ପ୍ରତିବାଦ କରିଥିଲେ । ବିଗତ ଦିନରେ ୫ଟି ରାଜ୍ୟର ନିର୍ବାଚନକୁ ଆଖି ଆଗରେ ରଖି ମୋଦି ସରକାର ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଦର କିଛି କିଛି ହ୍ରାସ କରିଥିବା ବେଳେ ସମ୍ପ୍ରତି ନିର୍ବାଚନ ପରେ ପ୍ରତ୍ୟେକ ଦିନ ଏସବୁର ଦରବୃଦ୍ଧି କରିବାରେ ଲାଗିଛଁ । କରୋନା ସଂକଟ ଅଦ୍ୟାବଧି ଟଳି ନଥିବା ବେଳେ ସାଧାରଣ ଲୋକଙ୍କର ରୋଜଗାର ବିଶେଷ ପ୍ରଭାବିତ ହୋଇଛି । ଏହି ପରିସ୍ଥିତିରେ ବିଭିନ୍ନ ସାମଗ୍ରୀ ଉପରେ ଲୋକଙ୍କୁ ରିହାତିର ଆବଶ୍ୟକତା ଥିବାବେଳେ ମୋଦି ସରକାର ତାଙ୍କ କିଛି ପ୍ରିପତି ମିତ୍ରଙ୍କ ସମ୍ପତ୍ତି ବୃଦ୍ଧି କରିବା ପାଇଁ ସାଧାରଣ ଗରିବ ଲୋକଙ୍କ ପକେଟରୁ ପଇସା ଏହି ଦରବୃଦ୍ଧି ଜରିଆରେ କାଢି ନେଉଛଁ ବୋଲି କଂଗ୍ରେସ ନେତୃବୃନ୍ଦ ଅଭିଯୋଗ କରିଥିଲେ । ସମ୍ପ୍ରତି ଋଷ ଓ ୟୁକ୍ରେନର ଯୁଦ୍ଧ ପାଇଁ ପେଟ୍ରୋଲ, ଡିଜେଲର ଦରବୃଦ୍ଧି ଘଟୁଛି ବୋଲି କହୁଥିବା ମୋଦି ସରକାର ବିଗତ ଦିନରେ ଏ ସବୁର ଦରବୃଦ୍ଧି କରିବା ବେଳେ କେଉଁ ଯୁଦ୍ଧ ଚାଲିଥିଲା ବୋଲି ଏହି ଅବସରରେ କଂଗ୍ରେସ ତରଫରୁ ପ୍ରଶ୍ନ କରାଯାଇଛି । ତେବେ ଆଜି ଶ୍ରୀ ସୋନିଆଜୀଙ୍କ ଆହ୍ୱାନକ୍ରମେ ଦରବୃଦ୍ଧି ବିରୁଦ୍ଧରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ବିଭିନ୍ନ ପର୍ଯ୍ୟାୟରେ ଆଗକୁ ବଢିବ ବୋଲି କଂଗ୍ରେସ ନେତୃବୃନ୍ଦ ଏହି ଅବସରରେ ପ୍ରକାଶ କରି କେତେକ ରାଜ୍ୟରେ ନିର୍ବାଚନୀ ସଫଳତା ପାଇଁ ଅହଂକାରରେ ଫାଟି ପଡୁଥିବା ମୋଦି ସରକାର ଏଭଳି ଜନମାରଣ ନୀତିରୁ ନିବୃତ୍ତ ରହିବାକୁ ଚେତାବନୀ ଦେଇଥିଲେ । ଏହି ଅବସରରେ ଛକ ଉପରେ ଖାଲି ସିଲିଣ୍ଡର, ଖାଲି ସ୍କୁଟର ଓ ମୋଟର ସାଇକେଲ୍ ରଖି ଦଳୀୟ କର୍ମକର୍ତ୍ତାମାନେ ଫୁଲ ମାଳ ପିନ୍ଧାଇ ଅଭିନବ ଢଙ୍ଗରେ ଘଣ୍ଟନାଦ ସହ ପ୍ରତିବାଦ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ବିଦ୍ୟାସାଗର ସିଂହ, କାର୍ତ୍ତିକ ବେଉରିଆ, କ୍ରିଷ୍ଣା ରାଓ, ଲକ୍ଷ୍ମୀଧର ମଣ୍ଡଳ, ଲୋକନାଥ ଭୂମିଜ, ରେହେମାନ ଖାନ, ଭାସ୍କର ଖିଲ୍ଲାର, ସେବାଦଳର ସାରଦା ପ୍ରସନ୍ନ ଦାସ, ଜିଲ୍ଲା କଂଗ୍ରେସର ଜିତେନ୍ଦ୍ର ଦାସ, ରତିକା' ମଲ୍ଲିକ, ରୁକସାନା ବେଗମ, ମହମ୍ମଦ ମୁର, ପ୍ରତାପ ସାହୁ, ଚତୁର୍ଭୁଜ ସାମଲ, ସ'ୋଷ ପରିଜା, ରାଜେଶ ପତି, ବାବୁ ଖାନ, ଶ୍ୟାମ ସାଗର, ଧରମା ନାୟକ, ସୁହାସିନି କୁଆଁ, ପ୍ରମିଳା ପଟ୍ଟନାୟକ, ନରେନ୍ଦ୍ର ବର୍ମା, ନରେନ୍ଦ୍ର ସିଂହ, ଶଙ୍କର ଦାସ ପ୍ରମୁଖଙ୍କ ସମେତ ବହୁ କଂଗ୍ରେସ କର୍ମୀ ଅଂଶଗ୍ରହଣ କରି ସକ୍ରିୟ ସହଯୋଗ କରିଥିଲେ ବୋଲି ଜିଲ୍ଲା ମୁଖପାତ୍ର କୈଳାସ ସାହୁ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

## ଯୋରଜବରଦସ୍ତି କରି କିଛି ଅସାମାଜିକ ବ୍ୟକ୍ତିଙ୍କ ଦ୍ୱାରା ରାସ୍ତା କରିବା ପାଇଁ ଗୁଣ୍ଡାଗିରି



ଭୁବନେଶ୍ୱର,(ପିଏନ): ଯାଜପୁର ଜିଲ୍ଲାର ବିଂଝାରପୁର ଥାନା ଅଧିନସ୍ଥ ସାଶନ୍ଦା ଗ୍ରାମରେ କିଛି ଅସାମାଜିକ ବ୍ୟକ୍ତି ଯୋରଜବରଦସ୍ତି କରି ରାସ୍ତା ନିର୍ମାଣ କରିବା ପାଇଁ ସଂଖ୍ୟାଲଘୁ ସମ୍ପ୍ରଦାୟ ବ୍ୟକ୍ତିଙ୍କ ଉପରେ ଗୁଣ୍ଡାଗିରି କରିଛନ୍ତି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ସାଶନ୍ଦା ଗ୍ରାମରେ ବାସକରୁଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ବ୍ୟକ୍ତି ସେଖ୍ ଅଜିଜୁଲ୍ ବାରିଙ୍କ କ୍ଷେତ୍ରରେ । ଘଟଣାଟି ଏପରି, ସେଖ୍ ଅଜିଜୁଲ ବାରି ଜଣେ ସଂଖ୍ୟାଲଘୁ ବ୍ୟକ୍ତି । ସେ ନିଜେ ସେହି ଜମିର ମାଲିକ ଅଟନ୍ତି, ଯେଉଁ ଜମିରେ ଅସାମାଜିକ ବ୍ୟକ୍ତିମାନେ ରାସ୍ତା ତିଆରି କରୁଛନ୍ତି ଯୋରଜବରଦସ୍ତ । ତାଙ୍କ କହିବା କଥା ହେଉଛି ଯେ, ତାଙ୍କର ଗୋଟିଏ ପ୍ଲଟ୍ ତାଉଁତରା ମୌଜାରେ ୨୫ଡିସିମିଲ୍‌ର ୨ଟା ପ୍ଲଟ୍ (ନମ୍ବର ୧୧୪୨ ଏବଂ ୧୧୪୩) ଅଛି । କିନ୍ତୁ ବର୍ତ୍ତମାନ ନକ୍ସାରେ ଦେଖାଉଛି ଯେ, ତାଙ୍କର ସେ ଦୁଇ ପ୍ଲଟ୍ ଘର ପାଖରେ ଗୋଟିଏ ଅନାବାଦି ପ୍ଲଟ୍ ଅଛି, ଉକ୍ତ ପ୍ଲଟ ଉପରେ ସେ ଘର ପାଇଁ ଫାଉଣ୍ଡେସନ୍ କରିବା ବେଳକୁ ଏହି ଅସାମାଜିକ ବ୍ୟକ୍ତିମାନେ ସରପଂଚ ଏବଂ ଆର୍ .ଆଇକୁ ଧରି ଆସି କାମ ବନ୍ଦ କରିଦେଲେ । ପରେ ସେ ଉକ୍ତ ପ୍ଲଟକୁ ମାପିବାରୁ ସେ ପ୍ଲଟ୍‌ଟି ଅନାବାଦି ବୋଲି କିଛି ବାହାରିଲା ନାହିଁ । ସେଖ୍ ଅଜିଜୁଲ୍ ବାରି କହିଲେ ତାଙ୍କର ପଟ୍ଟା ହିସାବରେ ତାଙ୍କ ଜମି ମାପ କରି ଦିଅ ପରେ ରାସ୍ତା ବାହାର କର । କିନ୍ତୁ ସେହି ଅସାମାଜିକ ବ୍ୟକ୍ତିମାନେ ଯୋରଜବରଦସ୍ତ କରି ରାସ୍ତା କରିବାକୁ ଗୁଣ୍ଡାଗିରି କରିବାରୁ ସେ ସ୍ଥାନୀୟ ଲୋକଙ୍କ ସହ ସରଂପଚକୁ ଏହାର ସମାଧାନ ପାଇଁ ସେଠାକୁ ଆଣିଲେ । ସରପଂଚ ଓ ସ୍ଥାନୀୟ ଲୋକଙ୍କ ଅନୁରୋଧ କ୍ରମେ ମୌଳିକ ଭାବେ କିଛି ରାସ୍ତା ସେମାନଙ୍କୁ ଦିଆହେଲା ।

## ଚତ୍ରପଦା ସତ୍ୟସାଇ ଭଜନ ମଣ୍ଡଳୀର ବାର୍ଷିକୋତ୍ସବ

ଧର୍ମଶାଳା (ପିଏନ୍): ଭଗବାନ ଶ୍ରୀ ସତ୍ୟସାଇ ସେବା ସମିତି ଜାରକା ଅନୁକୁଲ୍ୟରେ ପାଟପୁର ପଂଚାୟତ ସ୍ଥିତ ଚତ୍ରପଦା ସତ୍ୟସାଇ ଭଜନ ମଣ୍ଡଳୀର ତ୍ରୟ ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ସତ୍ୟସାଇ ସେବା ସଙ୍ଗଠନ ସଭାପତି ଡ. ନିଶିକାନ୍ତ କର ସମ୍ମାନିତ ଅତିଥି, ରାଜ୍ୟ ସତ୍ୟସାଇ ସେବା ସଙ୍ଗଠନର ଟ୍ରଷ୍ଟ ସଦସ୍ୟ ରଶ୍ମୀରଂଜନ ରାୟ, ଅନ୍ୟତମ ଅତିଥି ଭାବେ ରାଜ୍ୟ ଟ୍ରଷ୍ଟର ସଦସ୍ୟ ତଥା ସତ୍ୟସାଇ ସେବା ସଙ୍ଗଠନର କେନ୍ଦ୍ରାପଡାର ବର୍ଷିଆନ ସଦସ୍ୟ ଇଂ ନରେନ୍ଦ୍ରନାଥ ପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ଭଗବାନ ଶ୍ରୀ ସତ୍ୟସାଇ ସତ୍ୟ, ଧର୍ମ, ଶାନ୍ତି ଓ ପ୍ରେମ ମାଧ୍ୟମରେ ମାନବରୁ କିପରି ମାଧବ ରୂପରେ ପରିବର୍ତ୍ତନ ହେବା ଏବଂ ନାମ ସ୍ମରଣ ଶ୍ରେଷ୍ଠ ସାଧନା ଉପରେ ଆଲୋକପାତ କରିଥିଲେ ।




# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)- କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି। ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ,ଟାଉନ ଫରେଷ୍ଟର ଭୂପତି ସେଠୀ,ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ। ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା। ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି। ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ। ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି। ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ। ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି। ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ,ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି। ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି,ପଥର,ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି। ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି।

# ମଧୁଶାସନ ଗ୍ରାମର ଶ୍ରୀଦଧିବାବନଜୀଉଙ୍କ ସ୍ଥାବର,ଅସ୍ଥାବର ସମ୍ପତ୍ତି ହଡପ ଓ ଅର୍ଥ ଆତ୍ମସାତ ଅଭିଯୋଗ

କେନ୍ଦ୍ରାପଡା, (ପିଏନ)- ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ମଧୁଶାସନ ଗ୍ରାମର ଅଧିଷ୍ଠାତା ଶ୍ରୀ ଦଧିବାବନଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ହଡପ କରାଯିବା ସହ ଅର୍ଥ ଆତ୍ମସାତ କରାଯାଇଥିବା ମଧୁଶାସନ ଗ୍ରାମପଂଚାୟତର ଅଧିବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ ମଧୁଶାସନ ଗ୍ରାମର ଦୁର୍ଗା ପ୍ରସାଦ ଦାସ ନାମକ ଜନୈକ ବ୍ୟକ୍ତି ଚଂଚକତା କରି ଦେବୋତ୍ତର ବିଭାଗର କେତେକ ଅସାଧୁ କର୍ମଚାରୀଙ୍କୁ ହାତକରି ମଧୁଶାସନ ଗ୍ରାମର ଆରାଧ୍ୟ ଦେବତା ଶ୍ରୀ ଦଧିବାବନଜୀଉଙ୍କ ମନ୍ଦିର ପରିଚାଳନା ପାଇଁ ଏକ ଟ୍ରଷ୍ଟବୋର୍ଡ ଗଠନ କରି ନିଜେ ସେହି ବୋର୍ଡର ସଭାପତି ଭାବେ ପ୍ରାୟ ବର୍ଷକରୁ ଉର୍ଦ୍ଧ୍ୱ ହେବ ରହିଛନ୍ତି । ସେ ଶ୍ରୀଜୀଉଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ନିଜେ ଓ ନିଜର କିଛି ଅନ୍ଧ ସମର୍ଥକଙ୍କ ସହାୟତାରେ ହଡପ କରିବା ସହିତ ଶ୍ରୀଜୀଉଙ୍କ ଅର୍ଥ ଆତ୍ମସାତ କରୁଥିବା ଅଭିଯୋଗ ହୋଇଛି । ଶ୍ରୀଜୀଉଙ୍କ ପାଇଁ ବିଭିନ୍ନ ସମୟରେ ଦାତାମାନେ ଦାନ କରୁଥିବା ଅର୍ଥକୁ ମଧ୍ୟ ଆତ୍ମସାତ କରାଯାଉଥିବା ଅଭିଯୋଗ ହୋଇଛି । ଏପରିକି ଶ୍ରୀଜୀଉଙ୍କ ନାମରେ ଥିବା ସମ୍ପତି ମଧୁଶାସନ ମୌଜାର ଖାତା ନମ୍ବର - ୪୨୨,ପ୍ଲଟ ନମ୍ବର ୩୫୮୩ ଉପରେ ଥିବା ମୂଲ୍ୟବାନ ଶାଗୁଆନ ଗଛ ୩ଟିକୁ ରାତାରାତି କାଟି ବିକ୍ରୀ କରିବା ସହ ଖାତା ନମ୍ବର ୧୨୯୯,ପ୍ଲଟ ନମ୍ବର ୫୩୧୫ ଓ ୫୩୧୬/୫୫୯୨ ଉପରୁ ବହୁ ଦିନର ମୂଲ୍ୟବାନ ୧୦ଟି ତାଳଗଛକୁ କାଟି ବିକ୍ରୀ କରିଦେଇଥିବା ଅଭିଯୋଗ ହୋଇଛି । ସେହି ଗଛ ସବୁର ମୂଲ୍ୟ ଆନୁମାନିକ ପ୍ରାୟ ଏକଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ । ଅଭିଯୋଗକାରୀମାନେ ଏସମ୍ପର୍କରେ ଟ୍ରଷ୍ଟର ସଭାପତି ଶ୍ରୀ ଦାସଙ୍କୁ ପଚାରିବାରେ ଶ୍ରୀ ଦାସ ସେମାନଙ୍କୁ ଗୁଣ୍ଡା ଲଗାଇ ଧମକଚମକ ଦେବା ସହ ଜୀବନରୁ ମାରିଦେବାକୁ ଧମକପୂର୍ଣ୍ଣ ବାଣୀ ଶୁଣାଇଥିବା ଅଭିଯୋଗ ହୋଇଛି । ଏଥିସହିତ କେତେକ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କୁ ମିଛ କହି ଅଭିଯୋଗକାରୀମାନଙ୍କ ନାମରେ ଥାନାରେ ମିଥ୍ୟା ମାମଲା କରିବା ସହ ବିଭିନ୍ନ ମିଥ୍ୟା କେଶକରି ନାନା ପ୍ରକାର ଅସୁବିଧାରେ ପକାଉଥିବା ମଧ୍ୟ ଅଭିଯୋଗ ହୋଇଛି । ସେହି ଟ୍ରଷ୍ଟବୋର୍ଡରେ ଗରଦପୁର ତହସିଲଦାର ଓ ପାଟକୁରା ଥାନାର ଭାରପ୍ରାପ୍ତ ଇନିସପେକ୍ଟରଙ୍କୁ ସଦସ୍ୟ ଭାବରେ ରଖାଯାଇଥିବା ବେଳେ ଅଭିଯୋଗକାରୀଙ୍କ ପରିବାରର ୨/୩ଜଣଙ୍କ ନାମରେ ମିଥ୍ୟା ମାମଲା କରାଯାଉଥିବା ସହ ସେହି ପରିବାରର ମହିଳାମାନଙ୍କ ପ୍ରତି ଅସଦାଚରଣ କରିବାକୁ ମଧ୍ୟ ଟ୍ରଷ୍ଟର ସଭାପତି ପଛାଉନଥିବା ଅଭିଯୋଗ ହୋଇଛି । ସଂପୃକ୍ତ ସଭାପତି ଭୁବନେଶ୍ୱରରେ ରହୁଥିବା ବେଳେ ଗ୍ରାମର ଅଧିକାଂଶ ଲୋକଙ୍କୁ ବିଭିନ୍ନ ମାଲିମକଦ୍ଦମାରେ ଛନ୍ଦି ହଇରାଣ କରିବା ସହ ଶ୍ରୀଜୀଉଙ୍କ ସମ୍ପତ୍ତି କୁ ହଡପ କରିବା ଓ ଅର୍ଥକୁ ଆତ୍ମସାତ କରୁଥିବା ଯୋଗୁଁ ଶ୍ରୀଜୀଉଙ୍କ ଦୈନନ୍ଦିନ ନୀତିକାନ୍ତିରେ ଘୋର ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି । ଏସମ୍ପର୍କରେ ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅସିତ କୁମାର ମହାନ୍ତି, ତାରକେଶ୍ୱର ତ୍ରିପାଠୀ,ପ୍ରମୋଦ କୁମାର ସାହୁ,ଚିତରଞ୍ଜନ ବାରିକ,ନିରଞ୍ଜନ ପଣ୍ଡା,ଭବାନିଶ ପଣ୍ଡା ପ୍ରମୁଖ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ଖଣିରେ ସ୍ଥାନୀୟ ନିଯୁକ୍ତି ନେଇ ଶ୍ରମିକଙ୍କ ଧରଣା





ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅନ୍ତର୍ଗତ ବଳଦା ଗ୍ରାମପଞ୍ଚାୟତର ସିଲ୍‌ଯୋଡା ସ୍ଥିତ କାସଭି ଇନ୍‌ଟରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ ଖଣିରେ ବିଭିନ୍ନ ଦାବି କରି ଗ୍ରାମବାସୀ ମାନେ ମଙ୍ଗଳବାର ପୂର୍ବାହ୍ନରେ ଖଣି ଲିଜ ପରିସରରେ ଧାରଣା ଦେଇଥିବା ଜଣାପଡିଛି । ବିର୍ସାମୁଣ୍ଡା ଲେବର କନ୍‌ଟ୍ରାକ୍ଟ ଓ ଆଦିବାସୀ କଲ୍ୟାଣ ସମିତି ପକ୍ଷରୁ ଏହି ଧାରଣା ଦିଆଯାଇଥିବା ଖବର ମିଳିଛି । ପ୍ରଶାସନକୁ ଜଣାଇ କୋଭିଡ୍ ନିୟମକୁ ପାଳନ କରି ଖଣି ପ୍ରଭାବିତ ସିଲଯୋଡା, ଗୁରୁଡା, ତାଟପାଣି ପ୍ରଭୃତି ଗ୍ରାମର ଗ୍ରାମବାସୀ ମାନେ ବିଭିନ୍ନ ଦାବି କରି କାସଭି ଖଣି ପରିସରରେ ଧାରଣାରେ ବସିଛନ୍ତି । ପୂର୍ବରୁ ଏହି ଖଣିଟି ମାଙ୍ଗିଲାଲ ରୁଙ୍ଗଟାର ସିଲିଯୋଡା କାଳିମାଟି ଅଧୀନରେ ଥିଲା । ନିଲାମ ପ୍ରକ୍ରିୟାରେ ଅଧିକ ମୂଲ୍ୟ ଦେଇ କାସଭି ଇନଟରନ୍ୟାସନାଲ ପ୍ରାଇଭେଟ ଲିମିଟେଡ ଖଣି ହାତେଇବା ପରେ ପୂର୍ବରୁ ଖଣିରେ କାର୍ଯ୍ୟ କରୁଥିବା ଶ୍ରମିକ ମାନଙ୍କୁ ଓ ଅନ୍ୟାନ୍ୟ ଅଧିକାରୀ ମାନଙ୍କୁ ପୁନଃ ନିଯୁକ୍ତି ଦିଆଯାଇନଥିବାରୁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଯୋଗ୍ୟତା ଥାଇ ମଧ ସ୍ଥାନୀୟ ଲୋକଙ୍କୁ ସାମାନ୍ୟ ସୁରକ୍ଷା କର୍ମୀ ଚାକିରୀ ମଧ ଦିଆଯାଉନାହିଁ । ଏହି ଖଣିରେ ନିଯୁକ୍ତିକୁ କେନ୍ଦ୍ର କରି ଗତ ସେପ୍ଟେମ୍ବର ମାସ ୨୫ ତାରିଖରେ ଏକ ହିଂସାତ୍ମକ ଆକ୍ରମଣ ଘଟଣା ଘଟିଥିଲା । ଖଣିର ଖଣି ସପକ୍ଷ ବାଦୀ ମାନେ ଏହି ଆକ୍ରମଣ ଭିଆଇଥିବା ଗ୍ରାମବାସୀ ସୁଶାନ୍ତ ଖିଲାର, ସୁବିଦାର ଗାଗରାଇ, ଯୋସେ' ବେଙ୍ଗରା, ବିକାଶ ମହାକୁଡ ପ୍ରମୁଖ ଅଭିଯୋଗ କରିଛନ୍ତି । ସ୍ଥାନୀୟ ମହିଳା ମିନା କୁମାରୀ ସିଂ, ମୁସକୁନି ସଏ, ସରସ୍ୱତୀ ପିଙ୍ଗୁଆ, ସୁମିତ୍ରା ଗଇପାଇ, ସଙ୍ଗିତା ପିଙ୍ଗୁଆ, ଚାମାନୁ ଲାକ୍ରା, ଡାଳିମ୍ବ ଗାଗରାଇ, ରିଙ୍ଗି ହେମ୍ବ୍ରମ ପ୍ରମୁଖ ଲୁହ ଓ କୋହଭରା କଣ୍ଠରେ କହିଛନ୍ତି ଯେ ଦୀର୍ଘ ୬ ରୁ ୭ ମାସ ହେଲାଣି ଖଣିରେ ନିଯୁକ୍ତି ନପାଇ ଭୋକ ଉପାସରେ ଦିନ କାଟୁଛନ୍ତି । ସ୍ଥାନୀୟ କାସଭି ଖଣି କମ୍ପାନୀ ଶ୍ରମିକ ମାନଙ୍କୁ ପୁନଃ ନିଯୁକ୍ତି ଦେଉନଥିବାରୁ ବେରୋଜଗାର ନିରାଶ ହୋଇ ଘରେ ରହିଛନ୍ତି । ଖଣିରେ କାର୍ଯ୍ୟ କରି ଜିବୀକା ନିର୍ବାହ କରୁଥିବାରୁ ବର୍ତ୍ତମାନ କାର୍ଯ୍ୟହରା ହୋଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି । ଗ୍ରାମର ନରେନ୍ଦ୍ର କୁମାର ପାତ୍ର ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ସିଲଯୋଡା-କାଳିମାଟି ମାଙ୍ଗାନିଜ୍ ଆଇରନ୍ ମାଇନ୍ସ ଦୁଇଟି ଗ୍ରାମପଞ୍ଚାୟତ ନାମରେ ହୋଇଅଛି । ହେଲେ ଏହି ଦୁଇଟି ପଞ୍ଚାୟତ ବାସୀଙ୍କୁ କୌଣସି ସୁବିଧା ସୁଯୋଗ ମିଳିପାରୁନାହିଁ । ଆଦିବାସୀ କଲ୍ୟାଣ ସମିତିର ସଭାପତି ବିଦ୍ୟାସାଗର ରଣା, ସମ୍ପାଦକ ଭିମ ପିଙ୍ଗୁଆ କହିଛନ୍ତି ଯେ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଠାରେ ଏ ସଂକ୍ରାନ୍ତରେ ଅଭିଯୋଗ କରାଯାଇଛି । ଜଙ୍ଗଲ ନେଲ, ଜମି ନେଲ, ପାଣି ନେଲ, ଆଦିବାସୀଙ୍କର ମୌଳିକ ସୁବିଧାରୁ କାସଭି ଖଣି କମ୍ପାନି ବଞ୍ଚିତ କଲ ଯଦି ଦମ୍ ନାହିଁ ତେବେ ସରକାରଙ୍କ ଠାରୁ ଖଣି ନେଲ କାହିଁକି ବୋଲି ଆଦିବାସୀ ନେତା ସେଲେଇ ତିରିଆ ପ୍ରକାଶ କରିଥିଲେ । ସେଠାରେ ଉପସ୍ଥିତ ଥିବା ଆଦିବାସୀ ଶ୍ରମିକ ନେତା ମାନେ କହିଥିଲେ ଯେ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ।

# ପାରାଦୀପ ବନ୍ଦର ପକ୍ଷରୁ ମିଳିତ ମେଗା ମକ୍ ଡ୍ରିଲ୍

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ମଙ୍ଗଳବାର ଦିନ ମିଳିତ ମେଗା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି । ପାରାଦୀପ ବନ୍ଦର ସିଆଇଏସଏଫ୍ ପକ୍ଷରୁ ପାରାଦୀପ ମୁଖ୍ୟ ଅଗ୍ନି ନିର୍ବାପନ କେନ୍ଦ୍ରଠାରେ ଆୟୋଜିତ ମକ୍ ଡ୍ରିଲ୍‌ରେ ପାରାଦୀପ ବନ୍ଦର ସମେତ ଜିଲ୍ଲା ପ୍ରଶାସନ, ଏନଡିଆରଏଫ୍ ମୁଣ୍ଡୁଳିର ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ । ଏହି ମକ୍ ଡ୍ରିଲ୍ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ୍.ହରନାଦ, ସମ୍ମାନୀତ ଅତିଥି ଭାବେ ଉପାଧକ୍ଷ ନିଲଭ୍ର ଦାସଗୁପ୍ତା ଏହି ସାଇଟ୍ ଲେଭଲ-୩ରେ ଯୋଗ ଦେଇଥିଲେ । ମେରାଇନ୍ ସାଇଟ୍ ଅଫିସ୍‌ରେ ଏକ ଭଙ୍ଗା ଗୃହ ମଧ୍ୟରୁ ବାତ୍ୟାରେ ଫସି ରହିଥିବା ବ୍ୟକ୍ତିଙ୍କୁ କିପରି ଉଦ୍ଧାର କରାଯାଇ ପାରିବ ତାହାର ନମୁନା ପ୍ରଦର୍ଶିତ ହୋଇଥିଲା । ଏହା ପରେ ରୋଷେଇ ଗ୍ୟାସ ଦୂର୍ଘଟଣାରୁ କିପରି ପ୍ରଶମନ କରାଯାଇ ପାରିବ ସେ ସମ୍ପର୍କରେ ମକ୍ ଡ୍ରିଲ୍ ପ୍ରଦର୍ଶନ କରାଯାଇଥିଲା । ପାରାଦୀପ ବନ୍ଦର ସମେତ ସହଯୋଗୀ ସଂସ୍ଥାର ଅଗ୍ନି ନିର୍ବାପନ କେନ୍ଦ୍ରର କର୍ମଚାରୀମାନେ ଏହି ମକ୍ ଡ୍ରିଲ୍‌ରେ ସାମିଲ ହୋଇଥିଲେ । ଏନଡିଆରଏଫ୍ ୩ୟ ବାଟାଲିୟାନ ମୁଣ୍ଡୁଳିର ଆସିଷ୍ଟାଣ୍ଡ କମାଣ୍ଡର ଗୌରବ ଜଗନାନୀ ମକ୍ ଡ୍ରିଲ୍ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ । ଶେଷରେ ବନ୍ଦର ଅଧକ୍ଷ ଶ୍ରୀ ହରନାଦ ସମସ୍ତ ସହଯୋଗୀ ସଂସ୍ଥାମାନଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଅଜଣା ଗାଡି ଧକ୍କାରେ ଜଣେ ମୃତ, ୨ ଗୁରୁତର

ହରିଚନ୍ଦନପୁର(ପିଏନ)- ହରିଚନ୍ଦନପୁର ଥାନା ଅନ୍ତର୍ଗତ ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ଧକ୍କାରେ ଜଣେ ମୃତ ହୋଇଥିବା ବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି ଏବଂ ଜଣେ ସାମାନ୍ୟ ଆହତ ହୋଇଛନ୍ତି । ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲା କାଳିଆପାଣି ଗ୍ରାମର ସୁଦର୍ଶନ ମହାକୁଡ(୩୮) ସ୍ତ୍ରୀ ଓ ୨ପିଲାଙ୍କ ସହ ମୟୁରଭଞ୍ଜ ଜିଲ୍ଲା ଶ୍ୱଶୁର ଘରକୁ ବୁଲିବାକୁ ଆସିଥିଲେ । ଆଜି ନିଜ ଗ୍ରାମ କାଳିଆପାଣିକୁ ଫେରୁଥିବା ବେଳେ ହରିଚନ୍ଦନପୁର ଥାନା ଖଡିବାହାଳି ଛକ ନିକଟରେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ସୁଦର୍ଶନ ମହାକୁଡଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ସ୍ତ୍ରୀ ରାଇମଣି ମହାକୁଡ (୩୬), ସାନପୁଅ ଚିନ୍ମୟ (୬) ଗୁରୁତର ଆହତ ହୋଇଥିବା ବେଳେ ବଡପୁଅ ରାହୁଲ (୮) ସାମାନ୍ୟ ଆହତ ହୋଇଥିବା ଜଣାପଡିଛି । ଆହତ ମାନଙ୍କୁ ଆମ୍ବୁଲାନ୍ସ ଯୋଗେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା

# ଦରଡିପାଳରେ ଶତାୟୁ ମହିଳାଙ୍କ ପରଲୋକ

ଘଷିପୁରା(ପିଏନ)- ଘଷିପୁରା ବ୍ଲକ ଦରଡିପାଳ ଗ୍ରାମରେ ସ୍ୱର୍ଗତ ନରସିହଂ ନାୟକଙ୍କ ଧର୍ମପତ୍ନୀ କ୍ଷେତ୍ରମଣୀ ନାୟକଙ୍କ ଆଜି ୧୦୫ ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କର ମୃତ୍ୟୁ ଶଯ୍ୟା ନିକଟରେ ଦୁଇପୁଅ ଆନନ୍ଦ ଚନ୍ଦ୍ର ନାୟକ ଅବସରପ୍ରାପ୍ତ କୃଷି ପରିଦର୍ଶକ ଏବଂ ଦିବାକର ନାୟକ ଅବସରପ୍ରାପ୍ତ ବ୍ୟାଙ୍କ୍ ମ୍ୟାନେଜରଙ୍କ ସହିତ ସମସ୍ତ ନାତି ନାତୁଣୀ, ଅଣନାତି, ଅଣନାତୁଣୀ ଏବଂ ସାହିପଡିଶା ଉପସ୍ଥିତ ଥିବା ସହ ତାଙ୍କର ଶବ ସତ୍କାର କରାଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ ।

# ଯୋଡା ପୌରାଞ୍ଚଳରେ ସେପ୍ଟେଜ ବିଶୋଧନାଗାରର ଭିତ୍ତିପ୍ରସ୍ତର ସ୍ଥାପନ




ଯୋଡା(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରାଞ୍ଚଳର ୬ନଂ ୱାର୍ଡ ବାଚୁହାଟିଂ ଠାରେ ପୌରପାଳିକା ପକ୍ଷରୁ ୨୦କେଏଲଡି କ୍ଷମତା ବିଶିଷ୍ଟ ଏକ ସେପ୍ଟେଜ ଟ୍ରିଟମେଣ୍ଟ ପ୍ଲାଣ୍ଟର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି । ଏହି ଟ୍ରିଟମେଣ୍ଟ ପ୍ଲାଣ୍ଟ ଯୋଡା ସହରର ସମସ୍ତ ଘରର ସେପ୍ଟି ଟ୍ୟାଙ୍କରୁ ନିଷ୍କାସିତ ମଇଳାକୁ ବିଶୋଧନ କରାଯାଇ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ସୃଷ୍ଟି କରିବା ନିମନ୍ତେ ପୌରପାଳିକା ପକ୍ଷରୁ ଏହା କରାଯାଇଛି । ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ,ରାଜ୍ୟ ଜଳଯୋଗାଣ ବିଭାଗ ଏବଂ ସ୍ୱରେଜ ବୋର୍ଡ ଆନୁକୂଲ୍ୟରେ ଓଡିଶା କନଷ୍ଟ୍ରକସନ କମ୍ପାନୀ (ଓସିସି)କୁ ଟେଣ୍ଡର ମାଧ୍ୟମରେ ୨ କୋଟି ୬୪ ଲକ୍ଷ ୧୭ ହଜାର ଟଙ୍କା ବ୍ୟୟ ଅଟକଳରେ ୧୧ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବା ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ପ୍ରକଳ୍ପ ହେବା ଦ୍ୱାରା ପୌରାଞ୍ଚଳର ସମସ୍ତ ୱାର୍ଡରେ ସେପ୍ଟି ଟାଙ୍କିର ମଇଳା ବିଶୋଧନ ହେବା ସହିତ ମାନ୍ୟବର ସର୍ବୋଚ୍ଚ ଅଦାଲତ ଓ ଜାତୀୟ ସବୁଜ ଟ୍ରିବ୍ୟୁନାଲଙ୍କ ଆଦେଶ ପାଳନ ହୋଇପାରିବ ବୋଲି ଯୋଡା ପୌରପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ ପ୍ରକାଶ କରିଥିଲେ । ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଯୋଡା ପୌରପାଳିକାର ସମସ୍ତ ଅଧିକାରୀ,କର୍ମଚାରୀ,ସ୍ୱଚ୍ଛସାଥୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଭୂମିହୀନଙ୍କୁ ଜାଗା ପ୍ରମାଣ ପତ୍ର ପ୍ରଦାନ



ଯୋଡା,(ପିଏନ)- କେନ୍ଦୁଝର ଜିଲ୍ଲା ଯୋଡା ପୌରପାଳିକାରେ ଜାଗାମିଶନ ଯୋଜନାରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ପୂର୍ବାହ୍ନରେ ଓଡିଶା ସରକାରଙ୍କ ଜାଗା ମିଶନ୍ ଯୋଜନା ଶ୍ରେଣୀରେ ଅନ୍ତର୍ଭୁକ୍ତ ହିତାଧିକାରୀ ମାନଙ୍କୁ ଏହି ଅବସରରେ ଜମି ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ ଯୋଗ ଦେଇଥିବା ବେଳେ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟ୍ଟଯୋଶୀ, ଯୋଡା ବିକାଶ ପରିଷଦର ସଭାପତି ନିରଞ୍ଜନ ବହିଦାର, ପୂର୍ବତନ ଉପ-ନଗରପାଳ ସୁରେନ୍ଦ୍ରନାଥ ଜେନା ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଯୋଡା ପୌରପାଳିକାର ୧୪ଟି ୱାର୍ଡରେ ସମୁଦାୟ ୬୨୧୬ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଛି । ମଙ୍ଗଳବାର ଦିନ ତନ୍ମଧ୍ୟରୁ ବନେଇକଳା ଠାରେ ୧୭୫ ଜଣଙ୍କୁ ଭୂମିହୀନଙ୍କୁ ଜାଗା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ନିର୍ବାହୀ ଅଧିକାରୀ ଶ୍ରୀ ପାଟ୍ଟଯୋଶୀ ସୂଚନା ଦେଇଛନ୍ତି । ଏହି ଜମି ଗୁଡିକ ୩୨୩ ବର୍ଗ'ଫୁଟରୁ ସର୍ବାଧିକ ୪୮୦ ବର୍ଗଫୁଟ ମଧ୍ୟରେ ଯୋଗାଇ ଦିଆଯିବ । ପରେ ଜାଗା ପ୍ରମାଣ ପତ୍ର ଦେବା ପରେ ଭୂମି ଅଧିକାର ପତ୍ର ଓ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସୁଧମୁକ୍ତ ଋଣ ଯୋଗାଇ ଦେବାର ସରକାରୀ ଯୋଜନା ରହିଥିବା ନିର୍ବାହୀ ଅଧିକାରୀ ପ୍ରକାଶ କରିଥିଲେ ।

# ଡମ୍ଫର ମାଲିକଙ୍କ ଧାରଣା ପଞ୍ଚମ ଦିନରେ : ଉପଯୁକ୍ତ ସମାଧାନ ନକରିଲେ ଆଗାମୀ ଦିନରେ ବିକଳ୍ପ ପନ୍ଥାର ଚେତାବନୀ

ଯୋଡା,(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଅଧୀନ ହେଁସାବେଡା ସ୍ଥିତ କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ଖଣି କମ୍ପାନୀ ଟ୍ରକ ମାଲିକ ସଂଘର ଦାବିକୁ ଉପେକ୍ଷା କରି ନିଜର ଖଣିକାର୍ଯ୍ୟ ଜାରି ରଖିଛି । ଖଣି ଲିଜ୍ ପରିସରରେ କାର୍ଯ୍ୟହରା ଡମ୍ଫର ମାଲିକ ମାନେ ଖଣିର ପରିବହନ କାର୍ଯ୍ୟରେ ଡମ୍ଫର ନିୟୋଜିତ କରିବା ଦାବିରେ ଦୀର୍ଘ ୫ ଦିନ ଧରି ଧାରଣାରେ ବସିଥିଲେ ହେଁ ଖଣି କର୍ତ୍ତୃପକ୍ଷନଦେଖିଲା ଭଳି ଉପେକ୍ଷା କରିଚାଲିଛି । ନୂତନ ଲିଜ ପାଇଥିବା କାସଭି ଇଣ୍ଟରନେସନାଲ ପ୍ରାଇଭେଟ ଲିମିଟେଡ ନିଜର ଖଣିଜ ପରିବହନ ପାଇଁ ବାହାର ଅଞ୍ଚଳର ଭାରୀଯାନ ଆଣି ପରିବହନ କରୁଥିବା ବେଳେ ସ୍ଥାନୀୟ ସଂଘର ଡମ୍ଫରକୁ ପରିବହନ କାର୍ଯ୍ୟ ଦେଉନାହିଁ । ଏନେଇ ସଂଘ ପକ୍ଷରୁ ଖଣି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଲିଖିତ ଭାବରେ ଦୃଷ୍ଟି ଆକର୍ଷଣ କରି କୌଣସି ସୁଫଳ ନପାଇବାରୁ ଗତ ୫ ତାରିଖରୁ ଧାରଣା ଆରମ୍ଭ କରିଥିଲେ । ଦୀର୍ଘ ୨୫ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ସଂଘ ସ୍ଥାନୀୟ ଖଣି ପ୍ରଭାବିତ ଅଞ୍ଚଳର ଡମ୍ଫର ମାଲିକ ମାନଙ୍କୁ ନେଇ କାର୍ଯ୍ୟ କରି ଆସୁଅଛି ।



ପୂର୍ବରୁ କାର୍ଯ୍ୟ କରୁଥିବା ଖଣି ଲିଜଧାରୀ ମାନେ ନିଜର ପରିବହନ କାର୍ଯ୍ୟ ପାଇଁ ସଂଘରୁ ଡମ୍ଫର ନେଇ ପରିବହନ କରୁଥିଲେ । ଯାହାଫଳରେ ପରୋକ୍ଷ ଏବଂ ପ୍ରତ୍ୟେକ୍ଷ ଭାବରେ ହଜାର ହଜାର ଲୋକ ଜିବୀକା ନିର୍ବାହ କରି ପାରୁଥିଲେ । ଉକ୍ତ ଖଣିର ପୂର୍ବ ଲିଜଧାରୀ ପଟ୍ଟନାୟକ ମିନେରାଲସ ପ୍ରାଇଭେଟ ଲିମିଟେଡ ଖଣିଜ ପରିବହନରେ ସ୍ଥାନୀୟ ସଂଘର ଡମ୍ଫରକୁ ପରିବହନରେ ନିୟୋଜିତ କରୁଥିଲେ । ମାତ୍ର ବର୍ତ୍ତମାନ ନୂତନଲିଜଧାରୀ କାସଭି ଖଣି ସଂଘକୁ ହେୟଜ୍ଞାନ କରି ବାହାର ଅଞ୍ଚଳର ଶତାଧିକ ଭାରୀଯାନ ଆଣି ପରିବହନ କାର୍ଯ୍ୟ କରୁଛି । ଯାହାଫଳରେ ଅଞ୍ଚଳର ଖଣି ପ୍ରଭାବିତ ଗାଡି ମାଲିକ ମାନେ ଜିବୀକା ହରାଇ ହତାଶ ହୋଇପଡିଛନ୍ତି ବୋଲି ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନର ସଭାପତି ଚତୁର୍ଭୁଜ ପଲେଇ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି । ବାରମ୍ବାର ଖଣି କର୍ତ୍ତୃପକ୍ଷଙ୍କୁ ଜଣାଇବା ସତ୍ତ୍ୱେ ମଧ କେହି କର୍ଣ୍ଣପାତ କରୁନାହାଁନ୍ତି । ଡମ୍ଫର ମାଲିକ ମାନେ କାର୍ଯ୍ୟ ନପାଇ ବସି ରହିଛନ୍ତି । ସେମାନଙ୍କର ପରିବାର ପ୍ରତିପୋଷଣ କରିବା ମଧ କଷ୍ଟସାଧ ହେଲାଣି । କରୋନା ମହାମାରୀ ପରିସ୍ଥିତିରେ କୌଣସି କାର୍ଯ୍ୟ ନପାଇ ଡମ୍ଫରରେ କାର୍ଯ୍ୟ କରୁଥିବା ଡ୍ରାଇଭର,ହେଲପର ଓ ସେମାନଙ୍କର ପରିବାର ବର୍ତ୍ତମାନ ଆର୍ଥିକ ସଂକଟରେ ଶିକାର ହେଲେଣି । ପରିବହନ କାର୍ଯ୍ୟ ହେତୁ ଅଞ୍ଚଳରେ ପ୍ରତ୍ୟେକ୍ଷ ଏବଂ ପରୋକ୍ଷରେ ନିର୍ଭରଶୀଳ ଥିବା ପ୍ରାୟ ଶତକଡା ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଲେଣି । କୋଭିଡ-୧୯ ଗାଇଡ ଲାଇନ ରହିଥିବା ସତ୍ତ୍ୱେ ମଧ ଗାଡି ମାଲିକମାନେ ଏହି ନିୟମକୁ ପାଳନ କରି ଧାରଣାରେ ବସିଛନ୍ତି । ହେଲେ ଖଣି କର୍ତ୍ତୃପକ୍ଷ ୫ଦିନ ବିତିଯାଇଥିଲେ ହେଁ ଦାବି ପୂରଣ ନେଇ କୌଣସି ଆଲୋଚନା କରିବାକୁ ଆସିନଥିବା ବୋଲି ମାଟୋଆ ସମ୍ପାଦକ ସତ୍ୟପ୍ରିୟ ବାରିକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଯଦି ଖଣି କର୍ତ୍ତୃପକ୍ଷ ଏହାର ଉପଯୁକ୍ତ ସମାଧାନ ନକରନ୍ତି ତାହା ହେଲେ ଆଗାମୀ ଦିନରେ ବିକଳ୍ପପନ୍ଥା ଗ୍ରହଣ କରିବାକୁ ବଧ ହେବୁ ବୋଲି ପ୍ରେସ ବିବୃତ୍ତିରେ ଜଣାଇଛନ୍ତି । ତେଣେ କାସଭି ଖଣିର ଜନୈକ ବରିଷ୍ଠ ଅଧିକାରୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କାସଭି ଖଣି ନିକଟସ୍ଥ ଜୁରୁଡି ଠାରେ ଥିବା ଜୁରୁଡି ଟ୍ରକ ମାଲିକ ମାନଙ୍କ ସହ ସେମାନେ ଆଲୋଚନା କରି ହାଇଓ୍ୱା ଟ୍ରକ ମାଧ୍ୟମରେ ଖଣିଜ ପରିବହନ କାର୍ଯ୍ୟ କରୁଛନ୍ତି । ଏନେଇ ଯୋଡା ଠାରେ ଥିବା ମାଇନିଂ ଏରିଆ ଟ୍ରକ ଓନର ଆସୋସିଏସନ ସହ କୌଣସି ଆଲୋଚନା କରିବା ଆବଶ୍ୟକତା ନାହିଁ ବୋଲି ସେ କହିଥିଲେ ।




# ଚାଷ ଓ ଚାଷୀ ସମସ୍ୟା ନେଇ କିଷାନ କଂଗ୍ରେସର ଆନ୍ଦୋଳନ ଡାକରା

ଭୁବନେଶ୍ୱର (ପିଏନ୍)- ଗଞ୍ଜାମ ଜିଲ୍ଲା ସମ୍ପୂର୍ଣ୍ଣ କୃଷି ଉପରେ ନିର୍ଭରଶୀଳ। କୃଷି କ୍ଷେତ୍ରରେ ବିକାଶ ହେଲେ ଜିଲ୍ଲାର କୃଷକଙ୍କ ଅର୍ଥନୈତିକ ବିକାଶ ହେବ। ଖୋଦ୍ ମୁଖ୍ୟମନ୍ତ୍ରୀ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିଜ ଭିଟାମାଟି ଛାଡ଼ି ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। ଫସଲ ହାନୀ ଓ ଋଣବୋଝରେ ଚାଷୀ ଆତ୍ମହତ୍ୟା କରୁଛି। ଜଳସେଚନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଠପ୍। ପନିପରିବା ସଂରକ୍ଷଣ ପାଇଁ ଶୀତଳଭଣ୍ଡାରଟିଏ ନାହିଁ। ଚାଷୀ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ପାଉନାହିଁ। ଫଳରେ ଏମ.ଏସ.ପି.ଠାରୁ କମ୍ ଦାମରେ ଧାନ ବିକ୍ରିକରି ବାରମ୍ବାର ଅଭାବୀ ବିକ୍ରିର ଶିକାର ହେଉଛି। ପୂରାତନ ଆସ୍କା ଚିନିକଳର ଦୁରାବସ୍ଥା କହିଲେ ନ ସରେ। କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଜିଲ୍ଲାର ୪୦ ପ୍ରତିଶତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସାରର ଅହେତୁକ ଅଭାବ ଓ ମୂଲ୍ୟବୃଦ୍ଧି, ଫସଲ ବୀମା କ୍ଷତିପୂରଣ ପାଇବାରେ ବହୁ ଚାଷୀ ବଞ୍ଚିତ ହେଉଛନ୍ତି। ଏହିସବୁ ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ ବଉଳଝୋଳିଠାରେ ୫୦୦ରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ନେଇ ଗତ ୨୫ ତାରିଖ ଦିନ ଜିଲ୍ଲାସ୍ତରୀୟ କିଷାନ ଚିନ୍ତନ ଶିବିର ଜିଲ୍ଲା କିଷାନ କଂଗ୍ରେସ ଅଧ୍ୟକ୍ଷ ବୃନ୍ଦାବନ ଖଟେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ, ଜିଲ୍ଲା କଂଗ୍ରେସ କମିଟି ସଭାପତି ତଥା ସାନଖେମୁଣ୍ଡିର ବିଧାୟକ ରମେଶ ଜେନା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଥିବା ଚାଷୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିବା ପରେ କୃଷି ଓ କୃଷକଙ୍କ ବିକାଶ ପାଇଁ ସରକାରଙ୍କ ଯୋଜନା କେବଳ ପ୍ରଚାର ଓ ପ୍ରସାରସର୍ବସ୍ୱ ହୋଇଛି। ଉଭୟ ସରକାର ଚଳିତ ୨୦୨୨ ସୁଦ୍ଧା ଚାଷୀର ଆୟ ଦୁଇଗୁଣା ବୃଦ୍ଧି କରିବା ପାଇଁ ଦେଇଥିବା ପ୍ରତିଶ୍ରୁତି ବାସ୍ତବତାଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଚାଷୀ ସଂଗଠିତ ହୋଇ ଆନ୍ଦୋଳନ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତିନୋଟି କଳା କୃଷି ଆଇନ ପ୍ରତ୍ୟାହାର କଲେ। ଆଜି ସେହିଭଳି ଗଞ୍ଜାମ ଜିଲ୍ଲାର ୨୨ଟି ବ୍ଲକର ଚାଷୀମାନେ ଏକତ୍ରିତ ହୋଇ ଆନ୍ଦୋଳନକୁ ଓହ୍ଲାଇଲେ ଚାଷୀ ତାର ହକ୍ ନିଶ୍ଚୟ ପାଇପାରିବ ବୋଲି ସେମାନେ କହିଥିଲେ। ଆସନ୍ତା ନଭେମ୍ବର ୧୫ ତାରିଖ ସୁଦ୍ଧା ଜିଲ୍ଲାର ପ୍ରତି ବୁଥ୍, ପଞ୍ଚାୟତ, ବ୍ଲକ ଓ ଜିଲ୍ଲାସ୍ତର ପର୍ଯ୍ୟନ୍ତ କିଷାନ କଂଗ୍ରେସ ସଂଗଠନକୁ ସକ୍ରିୟ କରାଯିବା ସହିତ ପ୍ରତି ବ୍ଲକସ୍ତରରେ କିଷାନ ଚିନ୍ତନ ଶିବିର ଆୟୋଜନ ଓ ଆସନ୍ତା ଡିସେମ୍ବର ମାସରେ ଉଭୟ ବିଜେପି ବିଜେଡ଼ି ସରକାରଙ୍କ ଚାଷୀମାରଣ ନୀତି ବିରୁଦ୍ଧରେ ବିଶାଳ ଚାଷୀ ସମାବେଶ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୨୯୩୦ ଟଙ୍କାକୁ ବୃଦ୍ଧି ଓ ଏମ.ଏସ.ପି.ର ଆଇନଗତ ବ୍ୟବସ୍ଥା, କୃଷି ଇନପୁଟ୍ ସବସିଡ଼ିର ୨ଗୁଣା ବୃଦ୍ଧି, ପ୍ରତି ବ୍ଲକସ୍ତରରେ ଶୀତଳ ଭଣ୍ଡାର ନିର୍ମାଣ, ମହାନଗର ନିଗମ ଅଞ୍ଚଳରେ ଓମଫେଡ଼ ଭଳି ଭେଜଫେଡ ପ୍ରତିଷ୍ଠା, ଚାଷକାର୍ଯ୍ୟ ପାଇଁ ପ୍ରତି ବ୍ଲକରେ ୫୦ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ୟୁନିଟ୍ ଭାବେ ଗ୍ରହଣ, ସମସ୍ତ ଚାଷୀଙ୍କୁ କାଳିଆ ଓ ପି.ଏମ୍. କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଓ ବାର୍ଷିକ ୨୪ ହଜାର ଟଙ୍କା ସହାୟତା ରାଶି ପ୍ରଦାନ, ଆସ୍କା ଚିନିକାରଖାନାର ନୂତନ ରୂପାନ୍ତରିତ, ଜିଲ୍ଲାରେ ସୂତାକଳ ପ୍ରତିଷ୍ଠା, ଦାଦନ ଶ୍ରମିକ ରୋକିବା ପାଇଁ କୃଷି କ୍ଷେତ୍ରରେ ମନରେଗା କାର୍ଯ୍ୟକ୍ରମର ସଂପ୍ରସାରଣ ଓ କୃଷିଭିତ୍ତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟା ଓ ପ୍ରସ୍ତୁତିକରଣ ୟୁନିଟ୍ ସ୍ଥାପନ ଏବଂ ଗୋପାଳପୁରଠାରେ କିଆଫୁଲରୁ ଅତର ପ୍ରକ୍ରିୟାକରଣ ୟୁନିଟ୍ ସ୍ଥାପନ ପାଇଁ କିଷାନ କଂଗ୍ରେସ ପକ୍ଷରୁ ଦୃଢ଼ ଦାବୀ କରାଯାଇଛି।

ସାରା ଭାରତବର୍ଷରେ ଚାଷୀ ଆଜି ଅସୁରକ୍ଷିତ। ବେକାରୀ ସମସ୍ୟା ବଢ଼ିଚାଲିଛି। ଆକାଶଛୁଆଁ ଦରଦାମ୍ ବୃଦ୍ଧି ସାଧାରଣ ଜନଜୀବନକୁ ବିପନ୍ନ କରିଛି। ସମ୍ବିଧାନ ଅସୁରକ୍ଷିତ। ଧର୍ମ ନାମରେ ଜାତିଆଣ ଭାବ ସୃଷ୍ଟି କରାଯାଉଛି। ସର୍ବବୃହତ୍ ଗଣତନ୍ତ୍ର ରାଷ୍ଟ୍ର ଭାରତବର୍ଷର ସାମଗ୍ରୀକ ବିକାଶ ପାଇଁ ଏବଂ ମୋଦି ସରକାରକୁ ଚେକ୍ ଦେବାପାଇଁ ଏ.ଆଇ.ସି.ସି.ର ପୂର୍ବତନ ଅଧ୍ୟକ୍ଷ ଶ୍ରୀ ରାହୁଲ ଗାନ୍ଧୀ ଗତ ୭ ତାରିଖଠାରୁ ଯେଉଁ 'ଭାରତ ଯୋଡ଼' ଯାତ୍ରା ଜାରି ରଖିଛନ୍ତି, ଏଥିରେ ଦେଶର ସବୁ ବର୍ଗର ଲକ୍ଷ ଲକ୍ଷ ଲୋକ ସ୍ୱତଃପ୍ରବୃତ୍ତ ସମର୍ଥନ ଜଣାଉଛନ୍ତି। ଭାରତ ଯୋଡ଼ ଯାତ୍ରାର ସଫଳତା ପାଇଁ ଆସନ୍ତା ଅକ୍ଟୋବର ୩୧ ତାରିଖ ଦିନଠାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଦୀର୍ଘ ୨୨ଶହ କିଲୋମିଟର ବ୍ୟାପୀ ଓଡ଼ିଶା ପରିକ୍ରମା କରିବା ବେଳେ ଗଞ୍ଜାମ ଜିଲ୍ଲାରୁ ହଜାର ହଜାର ଚାଷୀ ଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱର ପରିକ୍ରମା ଯାତ୍ରାରେ ସାମିଲ ହେବା ପାଇଁ ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କିଷାନ କଂଗ୍ରେସ ସଂଯୋଜକ କେ. ଶ୍ୟାମସୁନ୍ଦର ଦୋରା, ରାଜ୍ୟ କିଷାନ କଂଗ୍ରେସର ରାଜ୍ୟ ଉପାଧ୍ୟକ୍ଷ ସୁବାଷ ରାଉତ, ସମ୍ପାଦକ ସାଇ ପ୍ରସାଦ ପାତ୍ର, ପଦ୍ମଚରଣ ସାହୁ, ଦିଗପହଣ୍ଡି ନଗରପାଳ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସନାତନ ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଧର୍ମଶାଳା ମୋ କଲେଜ ଅଭିଯାନ ବୈଠକ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ। ଧର୍ମଶାଳା ମହାବିଦ୍ୟାଳୟ ଧର୍ମଶାଳା ବ୍ଲକର ସର୍ବପୁରାତନ ମହାବିଦ୍ୟାଳୟ, ଏହି ମହାବିଦ୍ୟାଳୟର ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲେ ହେଁ ଆଉ ଅନେକ କାର୍ଯ୍ୟ ହେବାର ଅବଶ୍ୟକତା ରହିଛି। କଲେଜଗୁଡିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କଲେଜର ବହୁ ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି। ସେମାନଙ୍କୁ ମୋ କଲେଜ ଅଭିଯାନରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ପୁରାତନ ଛାତ୍ର ସଂସଦର ସଭାପତିମାନଙ୍କୁ ଯୋଗାଯୋଗ କରି ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ପ୍ରଥମ ବ୍ୟାଚର ଛାତ୍ର ବଟକୃଷ୍ଣ ପରିଡା, ପୁରାତନ ଛାତ୍ର ସଂସଦ ସଭାପତି କ୍ଷିତିଶ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ମୋ କଲେଜ ଅଭିଯାନର ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ। ଆସନ୍ତା ଅକ୍ଟୋବର ମାସ ୨୩ ତାରିଖରେ ପରବର୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା। ପ୍ରାରମ୍ଭରେ ମୋ କଲେଜ ଅଭିଯାନର ସଂଯୋଜକ ନିଗମାନନ୍ଦ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ। ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲେଶ୍ୱରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ



ବାଲେଶ୍ୱର (ପିଏନ୍)-ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଏନ୍ ଆଇ ସି ପରିସରରେ ଥିବା ମହାତ୍ମା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଭାବେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାଝୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସୁରକ୍ଷା ମଙ୍ଗଳ କମିଟି ସଦସ୍ୟ, ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୯ ଜଣ କୃତି ଛାତ୍ରଛାତୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ବୃ ି ପ୍ରଦାନ କରାଯାଇଥିଲା। ସେହିପରି "ସୁକନ୍ୟା ସମୃଦ୍ଧି" ଯୋଜନାରେ ୧୪ ଜଣ ଛାତ୍ରୀଙ୍କ ଆକାଉଣ୍ଟ ଖୋଲାଯାଇ ପାଶ ବୁକ୍ ପ୍ରଦାନ କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଜମା କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ବକ୍ତବ୍ୟରେ କହିଥିଲେ।

## ଟାଟା ଷ୍ଟିଲ୍ ଏସ୍ଇଜେଡ୍ ପକ୍ଷରୁ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନକ୍ଲେଭ ୨୦୨୫ରେ ଓଡ଼ିଶା ଅଭିବୃଦ୍ଧି ଯାତ୍ରା ପ୍ରତି ଅବଦାନ ପ୍ରଦର୍ଶିତ

ଭୁବନେଶ୍ୱର,(ପି.ଏନ): ଗଞ୍ଜାମସ୍ଥିତ ଗୋପାଳପୁର ଶିଳ୍ପ ପାର୍କ (ଜିଆଇପି)ରେ ନୂତନ ପୁଞ୍ଜିନିବେଶ ଆକୃଷ୍ଟ କରିବା ସହ ଟାଟା ଷ୍ଟିଲ୍ ସ୍ପେସିଆଲ୍ ଇକୋନୋମିକ୍ ଜୋନ୍ ଲିମିଟେଡ୍ (ଟିଏସ୍ଏସ୍ଇଜେଡ୍ଏଲ୍) ଏହାର ଅଭିବୃଦ୍ଧି ପଥରେ ଆଗକୁ ବଢ଼ିବାର ପ୍ରତିଶ୍ରୁତି ଦେଇଛି। ଭୁବନେଶ୍ୱରରେ ଆୟୋଜିତ ଦୁଇଦିନିଆ ଉତ୍କର୍ଷ ଓଡ଼ିଶା ୨୦୨୫ କନକ୍ଲେଭରେ ଟିଏସ୍ଏସ୍ଇଜେଡ୍ଏଲ୍ ଏହାର ଅନନ୍ୟ ବିକ୍ରୟ ପ୍ରସ୍ତାବ ପ୍ରଦର୍ଶନ କରି ଓଡ଼ିଶାର ଅଭିବୃଦ୍ଧି କାହାଣୀରେ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହୋଇଛି। ସମ୍ଭାବ୍ୟ ନିବେଶକ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହ ଆଲୋଚନା କରିବା ପାଇଁ କମ୍ପାନି ଏକ ଉତ୍ସର୍ଗୀକୃତ ପ୍ରଦର୍ଶନୀ ସ୍ଥାନ ଏବଂ ମିଟିଂ ଲାଉଞ୍ଜ ସହିତ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛି। ଟିଏସ୍ଏସ୍ଇଜେଡ୍ଏଲ୍ ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମଣିକାନ୍ତ ନାୟକ କେମିକାଲ, ପେଟ୍ରୋକେମିକାଲ ଓ ପ୍ଲାଷ୍ଟିକ ଏବଂ ଶିଳ୍ପ ଭିତ୍ତିଭୂମି ଉପରେ ୨ଟି ଅଧିବେଶନରେ ବକ୍ତବ୍ୟ ରଖି ଏକ ଶିଳ୍ପ ବ୍ୟବସ୍ଥା ସୃଷ୍ଟି କରିବାରେ ଜିଆଇପି ଭଳି ଶିଳ୍ପ ପାର୍କର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଯାହା କମ ସମୟ ମଧ୍ୟରେ ଶିଳ୍ପ ସ୍ଥାପନ କରିବା ପାଇଁ ସୁଯୋଗ ପ୍ରଦାନ କରୁଛି।ଏହି ଅବସରରେ ଟିଏସ୍ଏସ୍ଇଜେଡ୍ଏଲ୍ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମଣିକାନ୍ତ ନାୟକ କହିଛନ୍ତି ଯେ, 'ଓଡ଼ିଶାରେ ପୁଞ୍ଜିନିବେଶ ପାଇଁ ଏହା ଉତ୍ସାହଜନକ ସମୟ, କାରଣ ଦକ୍ଷତାର ସହ କୌଣସି ଷ୍ଟାର୍ଟଅପ୍ ଚଳାଇବା ପାଇଁ ରାଜ୍ୟ ସରକାର ସବୁ କିଛି ପ୍ରଦାନ କରୁଛନ୍ତି। ଆମେ ଆମ ଗୋପାଳପୁର ଶିଳ୍ପ ପାର୍କ ସହିତ ଦ୍ରୁତ ଗତିରେ ଅଗ୍ରଗତି କରୁଛୁ ଏବଂ ସରକାରଙ୍କ ସହାୟତାରେ ଆଗାମୀ କିଛି ବର୍ଷ ମଧ୍ୟରେ ସମଗ୍ର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଆଶା ରଖିଛୁ। ଏହି ଅବସରରେ ଆମ ଶିଳ୍ପ ପାର୍କରେ କାରଖାନା ସ୍ଥାପନ କରିବାକୁ ବିଚାର କରୁଥିବା ଅକ୍ଷୟ ଶକ୍ତି, ରାସାୟନିକ ପଦାର୍ଥ, ସୋଲାର ସେଲ୍ ଏବଂ ମଡ୍ୟୁଲ୍ ନିର୍ମାତାଙ୍କ ସମେତ ଅନେକ କମ୍ପାନିଙ୍କ ସହ ଆଲୋଚନା କରିବାର ସୁଯୋଗ ଆମେ ପାଇଥିଲୁ। ଟିଏସ୍ଏସ୍ଇଜେଡ୍ଏଲ୍ ଏହି ଅଂଚଳ ଏବଂ ରାଜ୍ୟର ଅଭିବୃଦ୍ଧି ଯାତ୍ରା ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଏଥିରେ ସାମିଲ ହେଉଥିବା ନିବେଶକମାନଙ୍କୁ ସମସ୍ତ ଆବଶ୍ୟକ ସହଯୋଗ ପ୍ରଦାନ କରିବ।'' ଶିଳ୍ପ ପାର୍କରେ ବର୍ତମାନ ସୁଦ୍ଧା ୩୨,୦୦୦ କୋଟି ଟଙ୍କାର ପୁଞ୍ଜିନିବେଶ ହୋଇଛି। ମୁଖ୍ୟତଃ ଗ୍ରିନ ହାଇଡ୍ରୋଜେନ ଏବଂ ଗ୍ରିନ ଆମୋନିଆ ସମେତ ଅକ୍ଷୟ ଶକ୍ତି କ୍ଷେତ୍ରରେ ଏହି ନିବେଶ ହୋଇଛି। ଏହି ଶିଳ୍ପ ପାର୍କ ଭାରତ ସରକାର ଓ ଓଡ଼ିଶା ସରକାରଙ୍କ ସହଯୋଗରେ ସୁବିଧାରେ ଶିଳ୍ପ ଗଠନ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ବିକାଶ ଦିଗରେ କାର୍ଯ୍ୟ କରୁଛି।

## ଅବକାରୀ ବିଭାଗ ପକ୍ଷରୁ ଚଢାଉ, ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ରାସୋଳ ଗ୍ରାମରେ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ୧ହଜାର ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଆବଶ୍ୟକୀୟ ସରଂଜାମ ସହ ଗୋଟିଏ ମାରୁତି କାର ଜବତ କରାଯାଇଥିଲା। ଏଥିରେ ମଦ ପ୍ରସ୍ତୁତ କରୁଥିବା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ଜିଲ୍ଲା ଅବକାରୀ ବିଭାଗର ନିରୀକ୍ଷକ ଭୈରବ ସାହୁଙ୍କ ଠାରୁ ପ୍ରକାଶ। ଏ ନେଇ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ରାଜଶେଖର ସ୍ୱାଇଁ, ଭ୍ରାମ୍ୟମାଣ ଉପ-ନିରୀକ୍ଷକ ବି ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଜେସ ଓ ଖୋର୍ଦ୍ଧା, ବେଗୁନିଆର ଭ୍ରାମ୍ୟମାଣ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

## କର୍କଟ ପୀଡ଼ିତଙ୍କୁ ସହାୟତା ଯୋଗାଇଲା କଳ୍ପନା ଛକଟୋକା ସଂଘ

ଭୁବନେଶ୍ୱର (ପିଏନ୍): ସମାଜରେ ସାମାଜିକ ବିପ୍ଳବ ସୃଷ୍ଟି କରିବାରେ କଳ୍ପନା ଛକଟୋକା ସଂଘ ଏକ ସ୍ଥାନ ସୃଷ୍ଟି କରିପାରିଛି। ରାଜଧାନୀର ରାସ୍ତାକଡ଼ରେ ସମାଜ ମଙ୍ଗଳ ହୁଣ୍ଡି ପ୍ରତିଷ୍ଠା କରି ଅସହାୟ କର୍କଟ ରୋଗରେ ପୀଡ଼ିତ ଓ ପୀଡ଼ିତାଙ୍କ ମୁହଁରେ ଟିକେ ହସ ଫୁଟାଇବାରେ ସକ୍ଷମ ହୋଇପାରିଛି। ପାଞ୍ଚବର୍ଷ ପୂର୍ବରୁ ଯୁବକମାନଙ୍କଠାରୁ ହୁଣ୍ଡି ମାଧ୍ୟମରେ ଆଦାୟ ଅର୍ଥରାଶିକୁ ବର୍ତ୍ତମାନ ପର୍ଯ୍ୟନ୍ତ ୨୨ ଜଣ ମାରାତ୍ମକ କର୍କଟ ରୋଗୀଙ୍କୁ ନିଃସ୍ୱାର୍ଥପର ଭାବେ ତାର ସେବା ଜାରି ରଖିଛି। ରାଜଧାନୀର ବିଭିନ୍ନ ଖଟି ନିଶାମୁକ୍ତ, ହିଂସାମୁକ୍ତ ହେବା ସହ ସମାଜସେବାକୁ ଗୁରୁତ୍ୱ ଦେଇ ଭାଇଚାରା ବଜାୟ ରଖିବା ସଂଘର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

ଏହାକୁ ଆଖି ଆଗରେ ରଖି କଳ୍ପନା ଛକଟୋକା ସଂଘର ୨୩ତମ ସମାଜ ମଙ୍ଗଳ ହୁଣ୍ଡିଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜମଙ୍ଗଳ ହୁଣ୍ଡିର ପ୍ରତିଷ୍ଠାତା ନାରାୟଣ ଚନ୍ଦ୍ର ଓଝାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ମଧ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ଯୋଗଦେଇ ସମାଜମଙ୍ଗଳ ହୁଣ୍ଡିର ମହାନ କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ। ହୁଣ୍ଡିରୁ ଆଦାୟ ମୋଟ ତିରିଶି ହଜାର ପାଞ୍ଚଶହ ଏକ ଟଙ୍କା ଅର୍ଥରାଶି ବ୍ରହ୍ମେଶ୍ୱରପୁର, ଡେଲାଙ୍ଗ, ପିପିଲି ଅଞ୍ଚଳର କର୍କଟ ପୀଡ଼ିତ ସତ୍ୟପ୍ରିୟ ନାୟକଙ୍କୁ ଅତିଥିମାନଙ୍କ ଉପସ୍ଥିତିରେ ପ୍ରଦାନ କରାଯାଇଥିଲା।

ସମ୍ମାନିତ ଅତିଥି ଭାବେ ଏସିପି ବିଷ୍ଣୁ ପ୍ରସାଦ ପାତ୍ର, କର୍ପୋରେଟର ଆଶିଷ ପଟ୍ଟନାୟକ, ସମାଜସେବୀ ଆଦିତ୍ୟ ଗଜେନ୍ଦ୍ର, ଯୁବନେତା ସଂଗ୍ରାମ ମାର୍ଥା, ପ୍ରଯୋଜକ ଶ୍ରୀଧର ମାର୍ଥା, ସମାଜସେବୀ ତଥା କବୟିତ୍ରୀ ବନ୍ଦନା ହରିଚନ୍ଦନ, ସ୍ତମ୍ଭକାର ସୃଷ୍ଟିକୀର୍ତ୍ତି ତ୍ରିପାଠୀ, ସମାଜସେବୀ ମନସ୍ମିତା ଜେନା, ସମାଜସେବୀ ସସ୍ମିତା ଦାସ, ସମାଜସେବୀ ଲିପିକା ରାୟ, ନାଟ୍ୟ ପ୍ରାଧାପକ ଡା. ଅସିତ ଦାସ, ନିର୍ଦ୍ଦେଶକ ଶିବଶଙ୍କର ତ୍ରିପାଠୀ, ଅଭିନେତା ବୁଲୁ ପଣ୍ଡା, ଯାତ୍ରା ନାୟକ ହୃଷିକେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସଭାପତି ଧୀରେନ ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଉପସଭାପତି ପବିତ୍ର ଗଜେନ୍ଦ୍ର, ରୋହିତ କୁମାର, ସଞ୍ଜୟ ପରିଡ଼ା, ପ୍ରମୋଦ କୁମାର ପତି, ଗୁରୁପଦ ନାଥ, ବାସୁଭ ଦାସ, ତନ୍ମୟ ସାମନ୍ତରାୟ, ବାବୁଲା ପରିଡ଼ା, ସ୍ନିଗ୍ଧା ମହାନ୍ତି, ରୂପଶ୍ରୀ ସାହୁ, ବର୍ଷା ଦାସ, ଇମନ ମହାନ୍ତି, ଜ୍ୟୋତିର୍ମୟୀ ପଣ୍ଡା, ନିରଞ୍ଜନ ସାହୁ, ରାଜକୁମାର, ସନ୍ଧ୍ୟାରାଣୀ ପ୍ରମୁଖ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।

## ଶିକ୍ଷାବିତ୍ ଭଗବାନ ପଟ୍ଟନାୟକଙ୍କ ସ୍ମୃତିସଭା

ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ଶିକ୍ଷାଜିଲ୍ଲା ଜିଲ୍ଲା ସମ୍ମାନପ୍ରାପ୍ତ ଶିକ୍ଷକ ଭଗବାନ ପଟ୍ଟନାୟକଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ଜନ୍ମସ୍ଥାନ ବାଂକୋଇ ଠାରେ ଐତିହାସିକ ସତ୍ୟବାଦୀ ବଳିଆରସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପଟ୍ଟନାୟକ ବିଭିନ୍ନ ବିଷୟରେ ଗଭୀର ଜ୍ଞାନର ଅଧିକାରୀ ହୋଇ ଆଦର୍ଶ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଥିଲେ ବୋଲି ସ୍ମୃତିସଭାରେ ମତପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ଐତିହାସିକ ରବୀନ୍ଦ୍ରନାଥ ପରିଡ଼ା ମୁଖ୍ୟଅତିଥି, ଶିକ୍ଷାବିତ୍ ହରିବନ୍ଧୁ ସାହୁ ମୁଖ୍ୟବକ୍ତା, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର ଉପସଭାନେତ୍ରୀ ସଂଗୀତା ଦାଶ ସ୍ୱତଂତ୍ର ଅତିଥି ଏବଂ ସମ୍ମାନିତ ଅତିଥି ଭାବେ କୃଷି ବିଭାଗର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. କେଶବ ଚନ୍ଦ୍ର ଭୋଳ, ବାଲ୍ମୀକ ବଳିଆରସିଂହ, ଗୋବିନ୍ଦ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶିକ୍ଷକଙ୍କ ବହୁମୁଖୀ ଗୁଣାବଳିର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସ୍ୱର୍ଗତ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ସ୍ମରଣିକା 'ଜ୍ଞାନଦୀପ୍ତ' ଉନ୍ମୋଚିତ ହୋଇଥିଲା। ଭଗବାନ ପଟ୍ଟନାୟକ ସ୍ମୃତି ସଂସଦ ପକ୍ଷରୁ ଶିକ୍ଷାବିତ୍ ସଂଗୀତା ଦାଶ, ଖୋର୍ଦ୍ଧାର କବୟିତ୍ରୀ ସୁବାସିନୀ ପଟ୍ଟନାୟକ, ଟାଂଗୀର ଶିକ୍ଷକନେତା ପ୍ରସନ୍ନ ଶ୍ରୀଚନ୍ଦନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ. କୃଷ୍ଣଚନ୍ଦ୍ର ପଟ୍ଟନାୟକ ଅତିଥିଙ୍କ ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ କନ୍ୟା ମଂଜୁଶ୍ରୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁକାନ୍ତ ଦାସ, ପ୍ରାଣକୃଷ୍ଣ ପାତ୍ର, ବାସୁଦେବ ସିଂହ, ଫଂଚୁ ଭାରିମଲ୍ଲ, ଚିନ୍ତାମଣି ବିଶ୍ୱାଳ, ଡ. ବିବେକାନନ୍ଦ ସ୍ୱାଇଁ, ଗୀତାରାଣୀ ମହାପାତ୍ର ପ୍ରମୁଖ ତାଂକର ବହୁମୁଖୀ ଗୁଣାବଳି ଉପରେ ଆଲୋକପାତ କରିଥିଲେ। ପୁତ୍ର ଶିଶିର କୁମାର ପଟ୍ଟନାୟକ, ଶରତ କୁମାର ପଟ୍ଟନାୟକ, ଗୀତାଂଜଳି ହରିଚନ୍ଦନ, ନିଗମ ପ୍ରସାଦ ହରିଚନ୍ଦନ, ସତ୍ୟାନନ୍ଦ ଜଗଦେବ, ଆଶୁତୋଷ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ନୋଏଡା ସ୍ଥିତ ଜଗନ୍ନାଥ ମନ୍ଦିର ରେ ଚାଲିଥିବା ପାଞ୍ଚ ଦିନିଆ ପ୍ରାଣ ପ୍ରତିଷ୍ଠା ମହୋତ୍ସବର ଉଦଘାଟନୀ ସନ୍ଧ୍ୟାରେ ସମ୍ମାନୀତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ ଓ ବିଶିଷ୍ଟ ଉଦ୍ୟୋଗପତି ରାଜେଶ ସହାୟ ଉପସ୍ଥିତ ଅଛନ୍ତି।ମନ୍ଦିର ପରିଚାଳନା କମିଟି ଶ୍ରୀ ଜଗନ୍ନାଥ ସମିତିର ସାଧାରଣ ସମ୍ପାଦକ ଡ଼ଃ ମନୋରଞ୍ଜନ ମହାନ୍ତିଙ୍କର ନେତୃତ୍ୱରେ ଅନ୍ୟାନ୍ୟ ସଂଗଠକ ମାନେ ସେମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଉଛନ୍ତି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Phagyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

# ମୋ ସହର

## ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିନିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା ।

## ବାଂଶପାଣି ରେଳସାଇଡିଂରେ ୨ ଗୋଷ୍ଠୀ ସଂଘର୍ଷ ଘଟଣାରେ ମାଷ୍ଟର ମାଇଣ୍ଡ ଫେରାର ଡାମେଜ କଣ୍ଟ୍ରୋଲ ପାଇଁ କଲେଜ ର ଭଣଜାକୁ ଗିରଫ କଲା ପୋଲିସ

ଯୋଡ଼ା(ପିଏନ)-କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ବାଂଶପାଣି ରେଳ ସାଇଡିଂ ଠାରେ ଗତ ସେପ୍ଟେମ୍ବର ମାସ ୧୨ ତାରିଖ ଦିନ ଲୁହା ପଥର ପରିବହନକୁ ନେଇ ଘଟିଯାଇଥିବା ଗୋଷ୍ଠୀ ସଂଘର୍ଷ ଘଟଣାରେ ଅଭିଯୁକ୍ତଙ୍କୁ ଆମିର ହୁସେନକୁ (୩୦) ଯୋଡା ଥାନା ପୋଲିସ ସୋମବାର ମଧ୍ୟ ରାତ୍ରୀରେ ଗିରଫ କରି କେଶ ନଂ ୧୩୦/୨୦୨୦ ଦଫା ୧୪୭/୧୪୮/୪୫୨/୩୨୩/୩୨୫/୪୩୬/୪୨୭/୩୦୭/୫୦୬/୧୪୭ ଆଇପିସି ଧାରରେ ମାମଲା ରୁଜୁ କରି ମଙ୍ଗଳବାର କୋର୍ଟ ଚାଲାଣ କରିଥିବା ଖବର ହସ୍ତଗତ ହୋଇଛି । ସ୍ଥାନୀୟ ଅଧୀବାସୀଙ୍କ ଠାରୁ ପ୍ରକାଶ ଯେ ଆମିର ହୁସେନର ମାମୁଁ ଏମଡି ଫିରୋଜ ଅହମ୍ମଦ ଓରଫ କଲେଜ ସିଧାସଳଖ ଭାବେ ଏହି ଘଟଣାରେ ଗଣ୍ଡଗୋଳ ଏବଂ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଥିଲେ ମଧ୍ୟ ଯୋଡା ଥାନା ପୋଲିସ କଲେଜଙ୍କ ଉପରେ ଅହେତୁକ ଅନୁକମ୍ପା ଦେଖାଉଥିବା ମନେ ହୁଏ । ଏକଦା ତ କାଳୀନ ବଡବିଲ ଏସଡିପିଓ ରାଜେଶ ପଣ୍ଡିତଙ୍କର ଅତ୍ୟନ୍ତ ଅନୁମତ ଭାବେ ପ୍ରଚାର କରି ନିଜ ଇଚ୍ଛା ମୁତାବକ ବିଭିନ୍ନ ଖଣି ସଂସ୍ଥାରୁ କାର୍ଯ୍ୟ ନେବା ଏବଂ ସ୍ଥାନୀୟ ଅ ଳର ଜନସାଧାରଣ ନାମରେ ପୋଲିସକୁ ମିଥ୍ୟା ତଥ୍ୟ ଯୋଗାଇ ପୋଲିସର ଇନ୍‌ଫର୍ମ ସାଜି କଲେଜ କୋଟି କୋଟି ଟଙ୍କା ମୁନଫା କରିଥିବା ସାଧାରଣରେ ଚର୍ଚ୍ଚା ହୁଏ । ପିଲେଟ ଚୋରି ଠାରୁ ଆରମ୍ଭ କରି ବାଂଶପାଣି ୟୁନାଇଟେଡ୍ କ୍ରସର ଘଟଣା ରେ ଗିରଫ କରାଇବା ସହିତ ମୁକେଶ ସିଂଙ୍ଘାନିଆ ଙ୍କୁ ଗିରଫ ଘଟଣାକୁ ଅନୁଧ୍ୟାନ କଲେ ଜଣାଯାଏ ଯେ କଲେଜ ନିଜ ସ୍ୱାର୍ଥ ସାଧାରଣ ନିମନ୍ତେ ପୋଲିସକୁ ହାତ ବାରିସ କରି ବ୍ୟବହାର କରୁଥିଲା । ପୋଲିସର ଧମକ ଚମକ ଦେଇ କାମ ହାତଇବା ସହିତ ଯେ କେହିବି ତାଙ୍କ ସ୍ୱାର୍ଥ ରେ ବାଧା ସୃଷ୍ଟି କରୁଥିଲେ ତାଙ୍କୁ ଜେଣେ ତେଣେ ପ୍ରକାରଣେ ପୋଲିସ ସହାୟତା ନେଇ ଗିରଫ କରାଇ ଯୋଡା ଅ ଳରେ ଭୟର ବା ାବରଣ ସୃଷ୍ଟି କରୁଥିଲେ । ଘଟଣା ଦିନ ବାଂଶପାଣି ସାଇଡିଂରେ ବିବାଦର ସୂତ୍ରପାତ୍ର ଏବଂ ଆକ୍ରମଣର ମାଷ୍ଟର ମାଇଣ୍ଡ କଲେଜ ଥିବା ନେଇ ଫିରୋଜ ମହମ୍ମଦ ଓରଫ କଲେଜ ଥିବା ନେଇ ଯଥେଷ୍ଟ ପ୍ରମାଣ ମିଳୁଥିଲେ ମଧ୍ୟ ଯୋଡା ଥାନା ପୋଲିସ ଏଯାବତ କଲେଜକୁ କାହିଁକି ଗିରଫ କରିନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । କଲେଜ ର ଭଣଜା କୁ ଗିରଫ କରିଥିବା ବେଳେ ମାଷ୍ଟର ମାଇଣ୍ଡ କଲେଜ ଫେରାର ଥିବା ପୋଲିସର ସ୍ୱଚ୍ଛତା ଉପରେ ଆଙ୍ଗୁଳି ନିର୍ଦ୍ଦେଶ କରୁଛି । କଲେଜ ଭଳି ଜଣେ ସାଧାରଣ ଲୋକ ଏତେ ଶିଘ୍ର ପୋଲିସର ଆସ୍ଥାଭାଜନ କିପରି ହୋଇପାରିଲା ଏବଂ ଏଯାବତ ତାର କାର୍ଯ୍ୟକଳାପ ପୋଲିସ ରାଡାରକୁ ନଆସିବା ଘଟଣା ସମସ୍ତଙ୍କୁ ଚକିତ କରିଛି । କଲେଜ ଉପରେ ବାରମ୍ବାର ଆଙ୍ଗୁଳି ନିର୍ଦ୍ଦେଶ ହେଉଥିଲେ ମଧ୍ୟ ପୋଲିସ କେଉଁ ସ୍ୱାର୍ଥକୁ ଆଖି ଆଗରେ ରଖି ତାକୁ ଗିରଫ କରୁନଥିବା ବେଳେ ତାଙ୍କ ଭଣଜା ଆମରି ହୁସେନ ପୂର୍ବରୁ ବାଂଶପାଣି ରେଳ ସାଇଡିଂରେ ଆଇରନ ପିଲେଟ ଚୋରି ଘଟଣାରେ ଜେଲ ଯାଇଥିବା ଜଣାପଡିଛି । ଏହି ଘଟଣାରେ କେନ୍ଦୁଝର ଜିଲ୍ଲା ଏସପି ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହେଉଛି ।

## ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ୱରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

## ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

## ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଜିସି- ୩୫/୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଘଂନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

## ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

### ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ୍ୟ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।



୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

ପର୍ଯ୍ୟବେକ୍ଷକ

Bhubaneswar Thursday January 30 | ଭୁବନେଶ୍ୱର ଗୁରୁବାର, ଜାନୁଆରୀ ୩୦,୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ଜାତୀୟ ସ୍ତରୀୟ ଅବଦୁଲ କରିମଖାନ ମେମୋରିଆଲ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେ ର ତୃତୀୟ ଲିଗମ୍ୟାଚ



କେନ୍ଦ୍ରାପଡା,(ପି.ଏନ): ଜାତୀୟ ସ୍ତରୀୟ ପ ମ ଅବଦୁଲ କରିମ ଖାନ ମେମୋରିଆଲ ଟ୍ରଫି ଫୁଟବଲ ଟୁର୍ଣ୍ଣାମେ ର ତୃତୀୟ ଲିଗ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଫକିରାବାଦ ଲକି ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ କେନ୍ଦ୍ରାପଡା ସରକାରୀ ହାଇସ୍କୁଲ ଖେଳପଡିଆରେ କ୍ଲବର ସଭାପତି ମହମ୍ମଦ ସଲିମ ଖାନ୍ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଦେବାଶିଷ ଧଳ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ତୃତୀୟ ଲିଗ ମ୍ୟାଚକୁ ଉଦଘାଟନ କରିଥିଲେ। ଏଥିସହିତ ଖେଳପଡିଆକୁ ଯାଇ ଉଭୟ ଦଳର ଖେଳାଳୀମାନଙ୍କ ସହ ହାତମିଳାଇ ଶୁଭେଚ୍ଛା ଜଣାଇଥିଲେ। ତୃତୀୟ ଲିଗ ମ୍ୟାଚରେ କଟକର ମଙ୍ଗଳା କ୍ଲବ ଦିଲ୍ଲୀର ସ୍କ୍ୱାର୍ଡ ଦଳକୁ ୪-୧ ଗୋଲରେ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଆଜିର ମ୍ୟାଚ୍କୁ ରେଫରୀ ଭାବେ ପ୍ରଦୀପ୍ତ କୁମାର ମହାନ୍ତି, ମହମ୍ମଦ ସାକଲିନ, ସୁକାନ୍ତ ସିଂ ଓ ମହମ୍ମଦ ମୋକିମ ପ୍ରମୁଖ ପରିଚାଳନା କରିଥିଲେ। ଗୁରୁବାର ଅନୁଷ୍ଠିତ ହେବାକୁ ଥିବା ଚତୁର୍ଥ ଲିଗମ୍ୟାଚ୍‌ରେ ବିହାର ବକ୍ସରର ମା'କାମାକ୍ଷା ସ୍ପୋର୍ଟସ କ୍ଲବ କେନ୍ଦ୍ରାପଡାର ସୁରଜ ସ୍ପୋର୍ଟିଙ୍ଗ କ୍ଲବକୁ ଭେଟିବ। ଅନ୍ୟମାନଙ୍କ ମଧ୍ୟରେ କ୍ଲବର କାର୍ଯ୍ୟକାରୀ ସଭାପତି ମହମ୍ମଦ ନିଆଜ୍, ସାଧାରଣ ସମ୍ପାଦକ ସେକ ସାହାବୁଲ୍ଲା, ଉପସଭାପତି ସେକ ଫରିଦଉଦ୍ଦିନ୍, ସେକ ସଫାତୁଲ୍ଲା, ଇବ୍ରାହିମ ଖାନ୍, ସମିଉଲ୍ଲା ଖାନ୍, ସେକ ବୁରାନଉଲ୍ଲା, ସମ୍ପାଦକ ମୀର ସଲିମ, ମୀର ଜରାର୍, କଲିମ ଖାନ୍, ମୀର ଅବୁସମା, ଆୟାଜ ମହମ୍ମଦ୍, କୋଷାଧ୍ୟକ୍ଷ ସେକ ମୁସ୍ତାକ ଓ ମହମ୍ମଦ ଆଝାରୁଦ୍ଦିନ ପ୍ରମୁଖ ମ ।ସୀନ ଥିଲେ। କ୍ଲବର ଉପଦେଷ୍ଟା ସୟଦ ଅକମଲ ଅଲ୍ଲୀ, ମାସୁମ ଖାନ୍, ମୀର ସଲାମତ୍, ସଲିମ ଖାନ୍, ଜାହିଦ ଖାନ୍, ମୀର ମହମ୍ମଦ ଅମୀରଙ୍କ ସମେତ ସେକ ଆଦିକ ଇକବାଲ୍, ସମସେର ଅଲ୍ଲୀ ଖାନ୍, ମହମ୍ମଦ ଇମ୍ରାନ୍, ଓ୍ୱାସିମ, ଦିଲୁ ପଣ୍ଡା, ଆଜମଲ ଖାନ୍, ମହମ୍ମଦ ଅଜିଜ, ମିରାଜନ୍, ମୋତି ଖାନ୍ ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# ଆଇନସେବା ପ୍ରାଧିକରଣ ରାୟଗଡା ଦ୍ୱାରା ତୃତୀୟ ଲିଙ୍ଗି ମାନଙ୍କ ପାଇଁ ଆଇନ ଅଧିକାର ସଚେତନତା ଶିବିର



ଭୁବନେଶ୍ୱର,(ପି.ଏନ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ଅଧକ୍ଷ ତଥା ଜିଲ୍ଲା ଶିରା ଜଜ୍ ଶ୍ରୀ ସତ୍ୟନାରାୟଣ ଷଡଙ୍ଗୀ ଙ୍କ ପରାମର୍ଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଆନୁକୁଲ୍ୟରେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ଙ୍କ ଅଧକ୍ଷତାରେ ଅଦ୍ୟ ତା ୨୯.୦୧.୨୦୨୫ ରିଖ ବୁଧବାର ଦିନ ରାୟଗଡା ସିଭିଲକୋର୍ଟ ପରିସରରେ ଥିବା କନଫରେନ୍ସ ଗୃହ ରେ ତୃତୀୟ ଲିଙ୍ଗି ମାନଙ୍କର ଅଧିକାର ସଂପର୍କିତ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି ଓ ଅନ୍ୟ ପ୍ରମୁଖ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ସୋସିଆଲ ସିକ୍ୟୁରିଟି ଅଫିସର ପୁଷ୍ପଲତା ଡିକ୍ସିଟ୍, ପ୍ରୋଟେକ୍ସନ ଅଫିସର ପ୍ରତିମାରାଣୀ ଦାସ, ରାୟଗଡା ରେଲୱେ ଷ୍ଟେସନର ସବ ଇନ୍ସପେକ୍ଟର କେ.ଏସ୍.ଭି.ଏନ୍.ଏସ୍ ଆପାରାଓ, ରାୟଗଡା ବାର ଆସୋସିଏସନ ର ଓକିଲ ଶ୍ରୀ ସାମୁଏଲ୍ ତାଣ୍ଡୀ, କିଶୋର ସାହୁ, ଦେବରାଜ ନାଏକ, ଜିଲ୍ଲା ଆଇନସେବା ପ୍ରାଧିକରଣର ପ୍ରଷ୍ଟ ଅଫିସ ରିଟେନର ଭାରତୀ ତ୍ରିପାଠି, ମା ମଝିଘରିଆଣୀ କମ୍ୟୁନିଟି ବେସଡ୍ ଅରଗାନାଇଜେସନ ର ସଭାପତି, ସଂପାଦକ ସମେତ ୪୦ରୁ ଉର୍ଦ୍ଧ ତୃତୀୟ ଲିଙ୍ଗି, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ର ପାରାଲିଗାଲ ଭଲ୍ୟୁଣ୍ଟର ପ୍ରମୁଖ ଉପସ୍ଥିତ ଥିଲେ ଓ ଜିଲ୍ଲା ର ସୋସିଆଲ ସିକ୍ୟୁରିଟି ଅଫିସର ନିଜର ବକ୍ତବ୍ୟରେ ତୃତୀୟ ଲିଙ୍ଗି ମାନଙ୍କ ପାଇଁ ସରକାରଙ୍କ ତରଫରୁ ଉପଲବ୍ଧ ଥିବା ସ୍କଲାରସିପ ଯୋଜନା, ଦକ୍ଷତା ବିକାଶ ଯୋଜନା, ଆଜିବିକା ପ୍ରସାହନ ଯୋଜନା, ରିଭଲବିଙ୍ଗ ଫଣ୍ଡ ଏଥିସହିତ ଅନ୍ୟାନ୍ୟ ସ୍କିମ ଉପରେ ଆଲୋକପାତ କରିଥିଲେ ଓ ତୃତୀୟ ଲିଙ୍ଗି ମାନେ ସର୍ବୋପରି ଏକ ମଣିଷ ଓ ସମ୍ବିଧାନ ଅନୁସାରେ ସବୁ ମଣିଷ ମାନଙ୍କର ସମାଜରେ ମର୍ଯ୍ୟାଦାର ସହିତ ବଞ୍ଚିବାର ଅଧିକାର ଅଛି ଏବଂ ଏହି ନାର୍ଯ୍ୟଦାବି ପୂରଣ ଓ ସେମାନଙ୍କର ପାଇଁ ଆର୍ଥିକ ସ୍ୱାବଲମ୍ବି କରିବା ସମସ୍ତଙ୍କର ଦାୟିତ୍ୱ ଅଟେ ବୋଲି ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଂପାଦକ ଶ୍ରୀ ସୁବ୍ରତ ଆଚାର୍ଯ୍ୟ କହିବା ସଙ୍ଗେସଙ୍ଗେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଦ୍ୱାରା ଉପଲବ୍ଧ ଥିବା ବିଭିନ୍ନ ଯୋଜନା ଉପରେ ନିଜର ବକ୍ତବ୍ୟ ରଖିଥିଲେ ଓ ସେହିପରି ଉପସ୍ଥିତ ଥିବା ଅନ୍ୟ ଅତିଥିମାନେ ନିଜର ବକ୍ତବ୍ୟରେ ଶିକ୍ଷା କୁ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ତୃତୀୟ ଲିଙ୍ଗି ମାନଙ୍କ ର ସୁରକ୍ଷା, ସେମାନେ କିପରି ଶିକ୍ଷିତ ଏବଂ ସଂସ୍କାରି ହୋଇ ମର୍ଯ୍ୟାଦାପ୍ରାପ୍ତ ହୋଇ ସମାଜର ମୂଖ୍ୟ ସ୍ରୋତ ରେ ସାମିଲ ହୋଇପାରିବେ ବୋଲି ନିଜ ନିଜର ମତ ରଖିଥିଲେ ଓ ସର୍ବୋପରି ଏହି କାର୍ଯ୍ୟକ୍ରମରେ ମା ମଝିଘରିଆଣୀ କମ୍ୟୁନିଟି ବେସଡ୍ ଅରଗାନାଇଜେସନ ର ତୃତୀୟ ଲିଙ୍ଗି ଓ ମାନ୍ୟବର ଅତିଥି ମାନଙ୍କର ଉପସ୍ଥିତି ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀ ସୁବ୍ରତ ଆଚାର୍ଯ୍ୟ ଙ୍କ ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ସଫଳତାର ସହିତ ଶେଷ ହୋଇଛ।

# ଯଜ୍ଞେଶ୍ୱର ମହାଦେବଙ୍କ ୪୨ତମ ପ୍ରତିଷ୍ଠା ଦିବସ ପାଳିତ





ଭୁବନେଶ୍ୱର,(ପି.ଏନ) : ଭୁବନେଶ୍ୱର ଏକାମ୍ରକାନନସ୍ଥିତ ବମିଖାଲ ଗ୍ରାମର ଯଜ୍ଞେଶ୍ୱରଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ପ୍ରଭୁ ଶ୍ରୀଶ୍ରୀ ଯଜ୍ଞେଶ୍ୱର ମହାଦେବଙ୍କର ୪୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଏହି ମନ୍ଦିର କ୍ରୀତ ଜେନାଙ୍କ ଦ୍ୱାରା ଶୁଭ ଦିଆଯାଇଥିଲା। ତାଙ୍କର ଦେହାନ୍ତ ପରେ ତାଙ୍କର ସୁପୁତ୍ର ଭାବଗ୍ରାହୀ ଜେନାଙ୍କ ଦ୍ୱାରା ବିଧିବିଧାନ ଅନୁସାରେ ବିଶିଷ୍ଟ ପଣ୍ଡିତ ଏବଂ ବ୍ରାହ୍ମଣମାନଙ୍କ ଦ୍ୱାରା ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ସେହି ବର୍ଷଠାରୁ ପ୍ରତି ବର୍ଷ ଜାନୁଆରୀ ମାସରେ ରାମ ତାରକା ମହାଯଜ୍ଞ ଅନୁଷ୍ଠିତ ହୁଏ। ଏହି ଯଜ୍ଞରେ ଗୋ ପୂଜା, ସୂର୍ଯ୍ୟ ପୂଜା ହୁଏ। ସକାଳେ ଓ ସନ୍ଧ୍ୟାରେ ଆଳତି ହୁଏ। ପ୍ରତ୍ୟେକ ସନ୍ଧ୍ୟାରେ ନାମ ସଂକୀ ନ, ଭଜନ ଓ ପ୍ରବଚନ ଆୟୋଜନ କରାଯାଇଥାଏ। ପୂର୍ଣ୍ଣାହୁତ ପରେ ଚରୁଅନ୍ନ ଏବଂ ପ୍ରସାଦ ସେବନର ବନ୍ଦୋବସ୍ତ ହୋଇଥାଏ। ଏହି ଅ ଳର ବହୁ ଭକ୍ତ ସମାଗମ ହୋଇଥାନ୍ତି।

# ରାୟଗଡା ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା (ଦିଶା) କମିଟି ବୈଠକ




ରାୟଗଡା,(ପି.ଏନ): ରାୟଗଡା ଜିଲ୍ଲା ଉନ୍ନୟନ ସମନ୍ୱୟ ଏବଂ ପରିଚାଳନା(ଦିଶା)କମିଟି ବୈଠକ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ କମିଟିର ଅଧକ୍ଷ ତଥା କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଉଲାକାଙ୍କ ଅଧକ୍ଷତାରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାୟଗଡ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଆପଲସ୍ୱାମୀ କାଡ୍ରାକକ୍ଷ,ମାନ୍ୟବର ବିଧାୟକ ବିଷମ କଟକଙ୍କ ପ୍ରତିନିଧି ଶ୍ରୀ ଦୁର୍ଗା ପ୍ରସାଦ ପଣ୍ଡା, ମାନ୍ୟବର ଗୁଣୁପୁର ବିଧାୟକ, ଶ୍ରୀଯୁକ୍ତ ସତ୍ୟଜୀତ ଗମାଙ୍ଗ, ଜିଲ୍ଲାପାଳ ପାରୁଲ ପଟାଓ୍ୱାରୀ ,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ,ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ଲାଲମୋହନ ରାଉତରାଏଙ୍କ ସମେତ ଅନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ବୈଠକରେ ପ୍ରାରମ୍ଭରେ ପୂର୍ବ ବୈଠକରେ ଆଲୋଚିତ ବିଷୟ ଉପରେ ବିଭାଗୀୟ ଅଧିକାରୀମାନଙ୍କ ସହିତ ସମୀକ୍ଷା କରିଥିଲେ କ୍ଷ ଏହାପରେ ଆଜିର ବୈଠକରେ ଆଲୋଚନା ହେବାକୁ ଥିବା କାର୍ଯ୍ୟ ସୂଚି ଅନୁଯାୟୀ ବିଶେଷ କରି ପୂର୍ବତଟ ରେଳ ବିଭାଗ ଦ୍ୱାରା କରାଯାଉଥିବା ଗୁଣୁପୁର ଥେରୁବାଲି ନୂତନ ରେଳ ଲାଇନର ଆଗ୍ରତି ଓ ବିଭିନ୍ନ ସମସ୍ୟା, ନୂତନ ରେଳ ମଣ୍ଡଳ, କୋରାପୁଟ ସିଙ୍ଗାପୁର ରେଳ ଲାଇନର ଦୋହରୀକରଣ, ରାୟଗଡ ବିଜୟନଗରମ ୩ତୀୟ ଲାଇନ, ଟିଟିଲାଗଡ଼ ବିଶାଖାପାଟଣା ୪ର୍ଥ ଲାଇନ ନିର୍ମାଣର ଆଗ୍ରଗତ ଓ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା କ୍ଷ ଗୁଣୁପୁର ଥେରୁବାଲି ରେଳ ଲାଇନ ନିର୍ମାଣ ପାଇଁ ଆଦିମ ଜନଜାତି ବସବାସ କରୁଥିବା ୬୦ଟି ଗ୍ରାମର ୨୬୯.୫୨୧ ହେକଟର, ସରକାରୀ ଜମି ୧୩୩୩.୪୩୭ ହେକଟର ଏବଂ ଜଙ୍ଗଲ ଜମି ୭୦.୮୨୮ ହେକଟର ଜମି ଆବଶ୍ୟକ ହେଉଛି ବୋଲି ରେଳବାଇ କର୍ତ୍ତୃପକ୍ଷ ବୈଠକରେ ଅବଗତ କରିଥିଲେ । ଏହି ବିଷୟରେ ଆଲୋଚନା ବେଳେ ମାନ୍ୟବର ସାଂସଦ କହିଲେ ଯେ ଗୁଣୁପୁର ,ପଦ୍ମପୁର ,ଗୁଡାରି ଦେଇ ବିଷମକଟକ ସହ ସଂଯୋଗ କରିବା ନିମନ୍ତେ ପଦକ୍ଷେପ ନେବାକୁ ରେଳବାଇ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ ଏବଂ ତୁରନ୍ତ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ ଜମି ଅଧିଗ୍ରହଣ କରିବା ନିମନ୍ତେ ଅନୁରୋଧ କରିଥିଲେ । ସେହିପରି ରାୟଗଡାଠାରେ ରେଳମଣ୍ଡଳ ନୂତନ ଗୃହ ନିର୍ମାଣ ନିମନ୍ତେ ନିଆଯାଉଥିବା ପଦକ୍ଷେପ ସଂପର୍କରେ ଗୃହରେ ଅବଗତ କରାଇଥିଲେ । ଏହାପରେ ଜାତୀୟ ରାଜପଥର ସୁନାବେଡା ଡିଭିଜନ ତରଫରୁ ଜିଲ୍ଲାରେ ନିଆଯାଇଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟ ଗୁଡିକର ଅଗ୍ରଗତି ଓ ବିଭିନ୍ନ ସମସ୍ୟା ଉପରେ ବୈଠକରେ ଆଲୋଚନା କରିଥିଲେ । ବିଶେଷକରି ଜାତୀୟ ରାଜପଥ ୩୨୬ରେ ରାୟଗଡା ଟାଉନ ଠାରୁ ଯେକେପୁର ଟାଉନ ପର୍ଯ୍ୟନ୍ତ ନିର୍ମାଣ ପାଇଁ ନିଆଯାଇଥିବା ସ୍ଥିତି ଉପରେ ଉପସ୍ଥାପନା କରିଥିଲେ । ସେହିଭଳି ଗ୍ରାମ୍ୟ ନିର୍ମାଣ ବିଭାଗ ରାୟଗଡା ଏବଂ ଗୁଣୁପୁର ତରଫରୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ଓ ସ୍ଥିତି ବିଷୟରେ ଆଲୋଚନା କରାଯାଇଥିଲା। ବିଶେଷକରି ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ୧,୨,୩ ଏବଂ ପ୍ରଧାନମନ୍ତ୍ରୀ ଜନମନ ପରି ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା । ରାୟଗଡା ଗ୍ରାମ୍ୟ ନିର୍ମାଣ ବିଭାଗରେ ଏହିସବୁ ଯୋଜନାରେ ୪୪୯ଟି ହାତକୁ ନିଆଯାଇଥିବା ବେଳେ ୪୩୬ଟି ସଂପୂର୍ଣ୍ଣ ହୋଇଯାଇଛି ଓ ୧୩ଟି ପ୍ରକଳ୍ପ କାର୍ଯ୍ୟକାରୀ ହେଉଅଛି । ସେହିପରି ଗୁଣୁପୁର ଗ୍ରାମ୍ୟ ନିର୍ମାଣ ବିଭାଜନରେ ୨୧୬ଟି ପ୍ରକଳ୍ପ ହାତକୁ ନିଆଯାଇଥିଲା ସେଥିରୁ ୨୦୮ଟି ସମ୍ପୂର୍ଣ୍ଣ ହୋଇଥିବାବେଳେ ୮ଟି ରେ ଅଗ୍ରଗତି ଚାଲିଛି । ରାୟଗଡା ରାସ୍ତା ଓ ଗୃହ ନିର୍ମାଣ ବିଭାଗ ତରଫରୁ ବୃହତ୍ତ ସେତୁ ପ୍ରକଳ୍ପ , ବୃହତ୍ତ ସଡକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଥିବା ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଥିଲେ ସେଥିମଧ୍ୟରୁ ସାତବଙ୍କା ନାଳଉପରେ ଭାଟପୁର ସେତୁ , ରତାକୁଆନ ନାଳ ଉପରେ ବୃହତ୍ତମ ସେତୁ , ଥୁଆମୂଳ-ରାମପୁର-କାଶୀପୁର ରାସ୍ତା ନିର୍ମାଣ ରାୟଗଡା କେରେଡ଼ା ରାସ୍ତା ନିର୍ମାଣ ନିମନ୍ତେ ହାତକୁ ନିଆଯାଇଥିବା ପ୍ରକାଶ କରିଥିଲେ । ଝାଂଜ୍ଝାବତୀ ନାଳଉପରେ ନିର୍ମିତ ବୃହତ୍ତର ସେତୁ କୁଡିପାରି ନାଳ ଉପରେ ନିର୍ମାଣ ହେଉଥିବା ବୃହତ୍ତର ସେତୁ , କୁଟିଙ୍ଗୁଡ଼ା ନାଳ ଉପରେ ନିର୍ମିତ ବୃହତ୍ତର ସେତୁ ନିର୍ମାଣ କାମ ସଂପୂର୍ଣ୍ଣ ହୋଇଥିବା ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଥିଲେ । ସେହିଭଳି ପିତାମହଲଠାରୁ ସିରିକଣା ବାଇପାସ ରାସ୍ତା, କାଶୀପୁର ଠାରୁ ମାଣ୍ଡିବିଶି ଦେଇ ସିକରପାଇ ରାସ୍ତା, ଟିକିରି ଠାରୁ କାଶୀପୁର ଦେଇ ଡଙ୍ଗାସିଲ ରାସ୍ତା ସଂପୂର୍ଣ୍ଣ ହୋଇଥିବା ନିର୍ବାହୀ ଯନ୍ତ୍ରୀ ବୈଠକରେ ପ୍ରକାଶ କରିଥିଲେ । ସେହିପରି ଗୁଣୁପୁର ରାସ୍ତା ଓ ଗୃହ ନିର୍ମାଣ ବିଭାଗ ତରଫରୁ ୧୫ଟି ପ୍ରକଳ୍ପ ହାତକୁ ନିଆଯାଇଛି ସେଥିମଧ୍ୟରୁ ୪ଟି ପ୍ରକଳ୍ପ ସଂପୂର୍ଣ୍ଣ ହୋଇଥିବା ନିର୍ବାହୀ ଯନ୍ତ୍ରୀ ପ୍ରକାଶ କରିଥିଲେ । ଏହି ବୈଠକରେ ଗ୍ରାମ୍ୟ ଜଳ ଯୋଗାଣ ସଂସ୍ଥା ତରଫରୁ ନେଇଯାଇଥିବା ବୃହତ୍ତ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଓ କ୍ଷୁଦ୍ର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉପରେ ଆଲୋଚନା କରାଯାଇଥିଲା । ସେହିପରି ବେସାମରିକ ଯୋଗାଣ ବିଭାଗ ଉପରେ ଆଲୋଚନା କରି ଚଳିତ ଖରିଫ ଧାନ କିଣା ଉପରେ ଆଲୋଚନା କରାଯାଇଥିଲା । ମାନ୍ୟବର ସାଂସଦ ଚାଷୀମାନଙ୍କୁ ଧାନ କିଣାରେ ଅସୁବିଧା ନକରି ତୁରନ୍ତ ତାଙ୍କଠାରୁ ଧାନ କିଣିବାକୁ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ କହିଥିଲେ ।କୋଣସି ଚାଷୀ ଯେପରି ଠକାମିର ଶିକାର ନହେବେ ସେଥିପ୍ରତି ଧ୍ୟାନ ଦେବାକୁ କହିଥିଲେ । ଏହାପରେ ଭାରତ ସଂଚାର ନିଗମ ଲିମିଟେଡ଼ ରାୟଗଡା ଉପରେ ଆଲୋଚନା କରିଥିଲେ । ଏହି ବୈଠକରେ ଦିଶା କମିଟିର ସମସ୍ତ ସଦସ୍ୟ ସଦସ୍ୟା, ବିଭିନ୍ନ ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ ।







Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray